



## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର

ବଅଁରପାଳ,୨୮।୧୦(ଡି.ଏନ.ଏ.)- ବଅଁରପାଳ ଥାନା ବୁଢ଼ାପଙ୍କ ଦେଇ ଯାଇଥିବା କେନାଲରୁ ରବିବାର ଜଣେ ଯୁବକଙ୍କ ମୃତଦେହ ସ୍ଥାନୀୟବାସିନ୍ଦା ଉଦ୍ଧାର କରିଛନ୍ତି। ମୃତକ ହେଲେ ଲିଙ୍ଗରାକଟା ଗ୍ରାମର ପ୍ରକାଶ ନାୟକ(୨୫)। ସେ ରେଲୱେରେ କାମ କରୁଥିଲେ ବୋଲି ଜଣାପଡିଛି। ଅପରାହ୍ନରେ ମୃତଦେହ କେନାଲରେ ଭାସୁଥିବା ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ପୋଲିସ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।






■ଆନ୍ଦୋଳନକାରୀଙ୍କୁ ଉତ୍ତେଜିତ କରିବା ଅଭିଯୋଗ

# ଅନୁଗୋଳ ଜିଲା ଭାଜପା ସଭାପତି ଗିରଫ

■ମେଣ୍ଢାଶାଳରୁ ଉଠାଇନେଲା ଜିଲା ପୋଲିସ

■ଜାମିନ୍ ନାମଞ୍ଜୁର ପରେ ଜେଲ ଗଲେ

ଅନୁଗୋଳ ଅଫିସ, ୨୮।୧୦

ବାଘୁଣୀ 'ସୁନ୍ଦରୀ' ଆକ୍ରମଣରେ ଅନୁଗୋଳ ଜିଲା ଟାଇଁସି ଅଞ୍ଚଳର ତ୍ରିନାଥ ସାହୁଙ୍କ ମୃତ୍ୟୁ ଅଭିଯୋଗକୁ ନେଇ ପୋଲିସ-ଜନତା ମଧ୍ୟରେ ହୋଇଥିଲା ଖଣ୍ଡଯୁଦ୍ଧ। ଏହି ହିଂସାକାଣ୍ଡ ପାଇଁ ଆନ୍ଦୋଳନାରୀଙ୍କୁ ଉସ୍କାଇଥିବା ଅଭିଯୋଗରେ ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନଙ୍କୁ ରବିବାର ଗିରଫ କରାଯାଇଛି। ଅନୁଗୋଳ ପୋଲିସ ଖୋର୍ଦ୍ଧା ଜିଲା ମେଣ୍ଢାଶାଳରୁ ପ୍ରଧାନ ଓ ତାଙ୍କ ଡ୍ରାଇଭର ବଇଣ୍ଡା ପାପସରା ଅଞ୍ଚଳର ବିପିନ ବିହାରୀ ସାହୁଙ୍କୁ ଗିରଫ କରିଛି। ପ୍ରଧାନଙ୍କ ବିରୋଧରେ ୧୯ଟି ଦଫାରେ ମାମଲା ହୋଇଥିବା ଅନୁଗୋଳ ଏସ୍‌ଡିପିଓ ହରିହର ପାଣି ସୂଚନା ଦେଇଛନ୍ତି। ଅନୁଗୋଳ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଯାଇଛି। ଅନ୍ୟପକ୍ଷରେ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି ଭାଗୀରଥି କହିଛନ୍ତି। ତେବେ ଏହାକୁ ମିଶାଇ ଘଟଣାରେ ଗିରଫଦାରୀ ସଂଖ୍ୟା ୩୦ରେ ପହଞ୍ଚିଛି।

ପୋଲିସ କହିଛି, ବାଘୁଣୀ ଆକ୍ରମଣରେ ତ୍ରିନାଥଙ୍କ ମୃତ୍ୟୁ ହେବା ପରେ ମୃତଦେହ ରଖି ଲୋକେ ମୁଣ୍ଡାସାହି ଛକଠାରେ ଗତ ୨୧ ତାରିଖରେ ୫୫ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହି ସମୟରେ ପୋଲିସ ଉପରକୁ ଢେଲା ମାଡ, ଗାଡି ଭଙ୍ଗାରୁଜା, ପୋଡାଜଳା କରିବା, ପୋଲିସ ପ୍ରଶାସନ ବିରୋଧରେ ଆନ୍ଦୋଳନକାରୀ ଜନତାଙ୍କୁ ଉତ୍ତେଜିତ କରିବାରେ ଭାଜପାର ଜିଲା ସଭାପତିଙ୍କ ସମ୍ପୃକ୍ତି ରହିଥିଲା। ଏ ନେଇ ତାଙ୍କ ନାମରେ ପୂର୍ବରୁ ପୁରୁଣାକୋଟ ଥାନାରେ ନଂ. ୨୩, ୨୪, ୨୫, ୨୬ ଓ ୨୮/୧୮ ଏବଂ ଜରପଡା ଥାନାରେ ନଂ. ୧୯୫, ୧୯୬, ୧୧୮/୧୮ରେ ମାମଲା ରୁଜୁ ହୋଇଥିଲା। ଘଟଣା ପରେ ଭାଗୀରଥି ଗତ ୨୨ ତାରିଖରୁ ଫେରାର ହୋଇଯାଇଥିଲେ। ତାଙ୍କୁ ଧରିବା ପାଇଁ ପୋଲିସର ୩ଟି ଟିମ୍ ଉଦ୍ୟମ ଜାରି ରଖିଥିବାବେଳେ ରବିବାର ତାଙ୍କୁ ଗାଡ଼ିକୁ ପିଛା କରି ମେଣ୍ଢାଶାଳରୁ ଗିରଫ କରିଥିବା ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି। ଡାକ୍ତରୀ ମାଇନା ପରେ ପ୍ରଧାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଅନ୍ୟପକ୍ଷରେ ଜିଲା ସଭାପତିଙ୍କୁ ଆକ୍ରୋଶମୂଳକ ଭାବେ ପୋଲିସ ଗିରଫ କରିଥିବା ଜିଲା ଭାଜପା ପକ୍ଷରୁ ଅଭିଯୋଗ କରାଯିବା ସହ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ବିକ୍ଷୋଭରେ କାଳନ୍ଦୀ ସାମଲ, ଅଶୋକ କୁମାର ମହାନ୍ତି, ମୀନକେତନ ଅମାତ, ପ୍ରତାପ ମହାରଣା, ଦିଲୀପ ପ୍ରଧାନ, ପ୍ରତିମା ମିଶ୍ର, ସଂଘମିତ୍ରା ପ୍ରଧାନ, ନମିତା ଦଳ ବେହେରା, ରୋଜାଲିନ ଦାସ, ସୁଜାତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଦଳ ମୁଖ୍ୟାଳୟ ପକ୍ଷରୁ ମଧ୍ୟ ଏହି ଗିରଫଦାରୀକୁ ନିନ୍ଦା କରାଯାଇଛି।



## ଆଜି ଜିଲାର ସମସ୍ତ ବ୍ଲକ ଘେରିବ ଭାଜପା

**ଅନୁଗୋଳ ଅଫିସ, ୨୮।୧୦–** ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନଙ୍କୁ ପୋଲିସର ଗିରଫଦାରୀକୁ ନିନ୍ଦା କରି ସୋମବାର ଦଳ ପକ୍ଷରୁ ଅନୁଗୋଳର ୮ଟି ବ୍ଲକ ଘେରାଉ କରାଯିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ କହିଛନ୍ତି, ପୋଲିସ ଅଗଣତାନ୍ତ୍ରିକ ଭାବେ ଜିଲା ସଭାପତିଙ୍କୁ ଗିରଫ କରିଛି। ଗତ ୨୧ ତାରିଖ ଘଟଣାରେ ଭାଗୀରଥି ବାଘୁଣୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ତ୍ରିନାଥ ସାହୁଙ୍କ ପରିବାରକୁ କ୍ଷତିପୂରଣ ଓ ବାଘୁଣୀ ହଟାଅ ଦାବିରେ ୫୫ନଂ ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନ କରିଥିଲେ। ଆନ୍ଦୋଳନ ବେଳେ ପୋଲିସ ଉପରକୁ ଆକ୍ରମଣ ଓ ଜଳାପୋଡା ଆଦି ଘଟଣାରେ ସେ ସମ୍ପୃକ୍ତ ନ ଥିଲେ ହେଁ ପୋଲିସ ଆକ୍ରୋଶମୂଳକ ଭାବେ ତାଙ୍କୁ ଗିରଫ କରିଛି। ରାଜ୍ୟସଭା ପୂର୍ବତନ ସଦସ୍ୟ ରୁଦ୍ରନାରାୟଣ ପାଣି କହିଛନ୍ତି ଯେ, ପୋଲିସ ମିଥ୍ୟା ଅଭିଯୋଗରେ ଏହି ଗିରଫଦାରୀ କରିଛି। ଏହା ପ୍ରତିବାଦରେ ଜିଲାର ପ୍ରତ୍ୟେକ ବ୍ଲକ ସମ୍ମୁଖରେ ପ୍ରତିବାଦ କରାଯିବ ବୋଲି ସେ କହିଛନ୍ତି।

## ଟ୍ରେଲର ଧକ୍କାରେ ଭାଙ୍ଗିଲା ରେଲୱେ ଫାଟକ

ବଇଣ୍ଡା,୨୮।୧୦(ଡି.ଏନ.ଏ.)

କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ହଣ୍ଡପା ଥାନା ବଇଣ୍ଡା ଲେଭଲ କ୍ରସିଂ ନିକଟରେ ରେଳବିଭାଗ ପକ୍ଷରୁ ଥିବା ଉଚ୍ଚତା ଫାଟକରେ ଧକ୍କା ହୋଇ ରବିବାର ଏକ ଟ୍ରେଲର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିଯୋଗୁ ଫାଟକଟି ଭାଙ୍ଗିଯାଇଛି। ବଇଣ୍ଡା ରେଲୱେ ଫାଣ୍ଡି ପୋଲିସ ଉକ୍ତ ଟ୍ରେଲରକୁ ଜବତ କରିଛି। ଘଟଣାରୁ ଜଣାପଡ଼ିଛି, ଏକ ଜେସିବି ମେଶିନ ବୋଝେଇ ଟ୍ରେଲର (ନଂ. ସିଜି୦୭ସିଏ୪୮୧୧) ସମ୍ବଲପୁରରୁ ଅନୁଗୋଳ ଅଭିମୁଖେ ଯାଉଥିବାବେଳେ ଉଚ୍ଚତା ଫାଟକକୁ ଧକ୍କା ଦେଇଥିଲା।



## ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ




ତାଳଚେର,୨୮।୧୦(ନି.ପ୍ର.)

ତାଳଚେର ବ୍ଲକ ଏଫ୍‌ସିଆଇ ଛକ ଠାରେ ସ୍ୱାଧୀନତା ସଂଗ୍ରାମୀ ବାବା ତିଲକା ମୁର୍ମୁଙ୍କ ପ୍ରତିମୂର୍ତ୍ତି ରବିବାର ଉନ୍ମୋଚିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇ ତିଲକା ମୁର୍ମୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ।




## ସଂକ୍ଷେପରେ

### ଚୋରି ବାଇକ୍ ଉଦ୍ଧାର, ଜଣେ ଗିରଫ

ତାଳଚେର, ୨୮।୧୦(ନି.ପ୍ର.)- କଲିୟାରୀ ପୋଲିସ ରବିବାର ଏକ ଚୋରି ବାଇକ୍ ଉଦ୍ଧାର କରିବା ସହ ଡେରାର ସୁରଥ ପ୍ରଧାନ ନାମକ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଗତ ୧୬ ତାରିଖରେ ପରଜଙ୍ଗର ସମ୍ପିତ ପରିଡା ତାଳଚେର ଦେଉଳବେଡାକୁ ଦଶହରା ଦେଖିବାକୁ ଆସିଥିବା ବେଳେ ସେଠାରୁ ତାଙ୍କ ବାଇକ୍(ନଂ. ଓଡି୧୯ଏଲ- ୩୨୮୬) ଚୋରି ହୋଇଯାଇଥିଲା। ଅଭିଯୋଗ ପାଇ ପୋଲିସ ଏକ ମାମଲା ରୁଜୁ କରିଥିଲା। ତଦନ୍ତ ପରେ ପୋଲିସ ସୁରଥଙ୍କଠାରୁ ବାଇକ୍ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା।

### ଭାଜପା ଜିଲା ସଭାପତିଙ୍କ ଗିରଫଦାରିକୁ ନିନ୍ଦା

ବଇଣ୍ଡା,୨୮।୧୦(ଡି.ଏନ.ଏ.)- ଅନୁଗୋଳ ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନଙ୍କୁ ରବିବାର ପୋଲିସ ଗିରଫ କରିବା ଘଟଣାକୁ କିଶୋରନଗର ଭାଜପା ପକ୍ଷରୁ ନିନ୍ଦା କରାଯାଇଛି। ଏ ନେଇ ବଇଣ୍ଡା ମଣ୍ଡଳର ସାଧାରଣ ସମ୍ପାଦକ ଧ୍ରୁବଚରଣ ସାହୁଙ୍କ ସମେତ ଜିଲା ପରିଷଦ ସଦସ୍ୟା ଜୟନ୍ତୀ ପ୍ରଧାନ, ଜିଲା ଯୁବ ମୋର୍ଚ୍ଚାର ଉପସଭାପତି ରାଜେନ୍ଦ୍ର ସାହୁ, ଜିଲା ପରିଷଦ ସଦସ୍ୟ ଅର୍ଜୁନ ପାଣ୍ଡେ, ବଂଶୀଧର ସେଠୀ, ଜିଲା କାର୍ଯ୍ୟକାରିଣୀ ସମସ୍ୟ ଡ. ଅଲେଖ ପ୍ରଧାନ ଏକ ପ୍ରେସ ଇସ୍ତାହାରରେ ନିନ୍ଦା କରିଛନ୍ତି। ସେମାନେ କହିଛନ୍ତି, ପ୍ରଶାସନ ବାଘୁଣୀ 'ସୁନ୍ଦରୀ'କୁ ଟ୍ରାଙ୍କୁଲାଇଜ କରିବାରେ ବିଫଳ ହେଉଛି। ସୁନ୍ଦରୀ ୨ ଜଣଙ୍କୁ ମାରି ସାରିଥିବାବେଳେ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ପ୍ରତିବାଦରେ ଆନ୍ଦୋଳନ କରୁଥିବା ଅଞ୍ଚଳବାସୀଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରାଯାଉଛି। ଜିଲା ସଭାପତି ପ୍ରଧାନଙ୍କୁ ମଧ ପୋଲିସ ଆକ୍ରୋଶମୂଳକ ଭାବେ ଗିରଫ କରିଛି। ଏ ନେଇ ଏକ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

### କେନ୍ଦ୍ର ବିରୋଧରେ ବିଜେଡିର ପ୍ରତିବାଦ ସଭା

ପାଲଲହଡ଼ା,୨୮।୧୦(ଡି.ଏନ.ଏ.)- କେନ୍ଦ୍ର ସରକାର ଓଡିଶା ପ୍ରତି ବୈମାତୃକ ମନୋଭାବ ଦେଖାଉଥିବା ଏବଂ ରାଜ୍ୟ ବିରୋଧୀ କାର୍ଯ୍ୟ କରୁଥିବା ପାଲଲହଡ଼ା ବ୍ଲକ ବିଜେଡି ଅଭିଯୋଗ କରିଛି। ଏ ନେଇ ରବିବାର ଦଳ ପକ୍ଷରୁ ସ୍ଥାନୀୟ ବଜାର ଛକଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ମହେଶ ସାହୁ ଯୋଗଦେଇ କହିଲେ, କେନ୍ଦ୍ର ସରକାର ପ୍ରତି କ୍ଷେତ୍ରରେ ଓଡିଶାକୁ ଅଣଦେଖା କରିଆସୁଛି। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିକୁ କେନ୍ଦ୍ର ମଞ୍ଜୁରୀ ଦେଉ ନ ଥିବା ବେଳେ ରାଜ୍ୟରୁ ଟିକସ ଆକାରରେ ମୋଟ୍ ୯୦ ହଜାର କୋଟି ଟଙ୍କା ଆଦାୟ କରୁଛି। ସେହି ଅନୁପାତରେ ରାଜ୍ୟକୁ ତାର ଭାଗ ମିଳୁନାହିଁ। ପେଟ୍ରୋଲିୟମ ମନ୍ତ୍ରୀଙ୍କ ଭୁଲ ନୀତି ପାଇଁ ତେଲ ଦର ଅହେତୁକ ବୃଦ୍ଧି ପାଇଛି ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ପରେ ପ୍ରଧାନମନ୍ତ୍ରୀ ଏବଂ ପେଟ୍ରୋଲିୟମ ମନ୍ତ୍ରୀଙ୍କ କୁଶ ପୁତୁଳିକା ଦାହ କରାଯାଇଥିଲା। ବରିଷ୍ଠ ବିଜେଡି ନେତା ବଙ୍ଗାଳି ବେହେରା, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ଯୋଗେଶ ଭୁକ୍ତା, କୃଷ୍ଣ କୁମାର ବୋଷ, ଛୋଟେଲାଲ ପ୍ରସାଦ, ଅଜିତ କୁମାର ଖୁଣ୍ଟିଆ, ନାରୀନେତ୍ରୀ କ୍ଷୀରୋଦରୀ ବେହେରାଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।

### ଅନସାର କ୍ରିକେଟ କ୍ଲବ ଚାମ୍ପିୟନ

ଛେଣ୍ଡିପଦା,୨୮।୧୦ (ଡି.ଏନ.ଏ.)/(ନି.ପ୍ର) ଛେଣ୍ଡିପଦା ବ୍ଲକ କୋଶଳା ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ସ୍ଥାନୀୟ ରାମଚଣ୍ଡୀ ଖେଳପଡିଆଠାରେ ରବିବାର ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ବାହିନୀ ସଭାପତି ସିଦ୍ଧାର୍ଥ ଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ମୁନଷ୍ଟାର କ୍ରିକେଟ କ୍ଲବ କଇଥଡିପ ଏବଂ ଅନସାର କ୍ରିକେଟ କ୍ଲବ କୋଶଳା ମେଡିକାଲ ଛକ ମଧରେ ଖେଳାଯାଇଥିଲା। ଆନସାର କ୍ଲବ ୪ ରନ୍‌ରେ ମୁନଷ୍ଟାରକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ବିଜୟୀ ଦଳର ରାଜୁ ବେହେରା ଶ୍ରେଷ୍ଠ ଖେଳାଳି ଭାବେ ମନୋନୀତ ହୋଇଥିଲେ। ମୁଖ୍ୟଅତିଥି ଜିଲା ପରିଷଦ ସଭ୍ୟ ଭାସ୍କର ସାହୁ, ସମ୍ମାନିତ ଅତିଥି ସମାଜିକ କର୍ମୀ ପ୍ରଦୀପ କୁମାର ସାହୁ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଯୁବ ବାହିନୀ ସମ୍ପାଦକ ସୁନୀଲ ବେହେରା, ଶିଶିର ରାଉଳ, ଜୟଦେବ ଦେହୁରୀ, ବିନୋଦ କୁମାର ସାହୁ, ବିଦେଶୀ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

■ସାପକାମୁଡ଼ାରେ ଝିଅ ମୃତ୍ୟୁକୁ ବର୍ଷେ ପୂରିଲା

# ଅନୁକମ୍ପା ରାଶିରୁ ବଞ୍ଚିତ ପରିବାର

**ଅନୁଗୋଳ ଅଫିସ, ୨୮।୧୦**

ବର୍ଷେ ପୂର୍ବରୁ ସାପକାମୁଡ଼ାରେ ଜୀବନ ହାରିଥିଲେ ଅନୁଗୋଳ ବ୍ଲକ କୁଇଓ ଗ୍ରାମର ଦିବାକର ପ୍ରଧାନଙ୍କ ଝିଅ ଭଗବତୀ ପ୍ରଧାନ(୧୫)। ଘଟଣାକୁ ବର୍ଷେରୁ ଅଧିକ ସମୟ ପୂରିଲାଣି। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କ ପରିବାରକୁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ମିଳିପାରିଲାନି ଅନୁକମ୍ପା ରାଶି। ବାରମ୍ବାର ବ୍ଲକ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ କେହି ଗୁହାରି ଶୁଣି ନ ଥିବା ଭଗବତୀଙ୍କ ପରିବାର ପକ୍ଷରୁ କୁହାଯାଇଛି।

ଭଗବତୀଙ୍କ ଦାଦା ପାଦକୁ ପ୍ରଧାନଙ୍କ ଅଭିଯୋଗ ମୁତାବକ, ବର୍ଷେ ପୂର୍ବେ ଭଗବତୀ ସାପ କାମୁଡ଼ାରେ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଣ ହରାଇଥିଲେ।


ROGI KALYAN SAMITI
DIST HEAD QUARTER HOSPITAL, ANGUL
DISCHARGE CERTIFICATE
Ward: F M W
Name: Bagabati Pradhan Age: 15 yrs.
Name of the father / Husband: D/o Paduka Pradhan
Address: Kueo, Angul.
Registered No.: 3427 Date: 19.8.16.
Date of Admission: 19.8.16
Date of Discharge: 19.8.16
Disease: Snake-bite
Treatment Given
Condition on discharge
Advised
Date
Medical Officer

ଭଗବତୀଙ୍କ ମୃତ୍ୟୁକୁ ନେଇ ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଦିଆଯାଇଥିବା ରିପୋର୍ଟ।

■ବ୍ୟବଚ୍ଛେଦ ରିପୋର୍ଟରେ ସ୍ପଷ୍ଟ ହୋଇଥିଲା ମୃତ୍ୟୁର କାରଣ

■ବାରମ୍ବାର ଅଭିଯୋଗ ସତ୍ତ୍ୱେ ଗୁହାରି ଶୁଣୁନି ପ୍ରଶାସନ

ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରେ ମଧ ସାପ କାମୁଡ଼ି ଥିବା ସ୍ପଷ୍ଟ ହୋଇଥିଲା। ସାପ କାମୁଡ଼ାରେ ମୃତକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନର ନିୟମ ଥିଲେ ମଧ ଆଜି ପର୍ଯ୍ୟନ୍ତ ଭଗବତୀଙ୍କ ପରିବାର ଏଥିରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଜିଲାପାଳଙ୍କ ଜନ ଶୁଣାଣି ଦୁଇ ଦୁଇ ଥର ଅଭିଯୋଗ କରିଥିଲେ ହେଁ ପ୍ରତିଥର କେବଳ ପ୍ରତିଶ୍ରୁତି ମିଳିଥିବା ସେ ଅଭିଯୋଗ କରିଛନ୍ତି। ଜିଲାକୁ ଅନୁକମ୍ପା ରାଶି ଆସୁଥିଲେ ମଧ ଟଙ୍କା କାହିଁକି ପ୍ରଦାନ କରାଯାଉ ନାହିଁ ସେ ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି। ତୁରନ୍ତ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରିବାକୁ ପରିବାର ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ବଅଁରପାଳ ଆଡିସିନାଲ ତହସିଲଦାର ଶ୍ୟାମସୁନ୍ଦର କୁହନ୍ତି, ମୁଁ ନୂଆକରି ଯୋଗ ଦେଇଛି। ଏହି ଘଟଣା ମୋ ନଜରକୁ ଆସିନାହିଁ। ଯଦି ସେମିତି କିଛି ହୋଇଥାଏ ତେବେ ତୁରନ୍ତ ପଦକ୍ଷେପ ନିଆଯିବ। ସେହପରି ଅନୁକମ୍ପା ରାଶି ମିଳିବାରେ କେଉଁଠି ତ୍ରୁଟି ରହିଛି ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ ବୋଲି ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ କୁହାଯାଇଛି।

# ଶିଳ୍ପ ସଚେତନତା ଶିବିରରେ ଉଦ୍ୟୋଗୀ ସମ୍ବର୍ଦ୍ଧିତ



**ତାଳଚେର,୨୮।୧୦(ନି.ପ୍ର.)**

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରବିବାର ଏକ ଶିଳ୍ପ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଅନୁଗୋଳ ଜିଲା ଶିଳ୍ପ କେନ୍ଦ୍ରର ପରିଚାଳକ ଗଗନ ବିହାରୀ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ସାହୁ , ସମ୍ମାନିତ ଅତିଥି ପ୍ରଫେସର ଦିଲୀପ କୁମାର ପ୍ରଧାନ, ସନ୍ତୋଷ କୁମାର ପାତ୍ର ଯୋଗ ଦେଇ ଥିଲେ। ଅଣ କ୍ଷୁଦ୍ର ତଥା ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଥିବା ବିଭିନ୍ନ ସରକାରୀ ଯୋଜନା ତଥା ସହାୟତା ରାଶିର ସଦୁପଯୋଗ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ତାଳଚେର ଶୈଳବାଳା ଆଶବ୍ରିକର ସଫଳ ଉଦ୍ୟୋଗୀ ଧର୍ମେନ୍ଦ୍ର କୁମାର ସାହୁଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ତାଳଚେର ଶିଳ୍ପ ବିକାଶ ଅଧିକାରୀ ନୃସିଂହ ଚରଣ ସାହୁ ଶିବିର ପରିଚାଳନା କରିଥିଲେ।

# ୭୫ ୟୁନିଟ୍ ରକ୍ତ ସଂଗୃହୀତ




ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

**ବଇଣ୍ଡା,୨୮।୧୦(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତ ବଡ଼ବର ଗ୍ରାମରେ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ରୌପ୍ୟ ଜୟନ୍ତୀ ଅବସରରେ ଏକ ରକ୍ତଦାନ ଶିବିର ଶନିବାର ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟିର ସଭାପତି ଟୁକୁନୁ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସମ୍ପାଦକ ୟୁବୁଲୁ କୁମାର ସାହୁ, ଚିକୁନୁ ପ୍ରଧାନ, ପ୍ରଶାନ୍ତ ସାହୁ, ଲିଟୁ ସାହୁ, ସୁନୀଲ ସାହୁ, ଲୁଲୁ ପ୍ରଧାନ, ନବୀନ ବେହେରା ଯୋଗ ଦେଇଥିଲେ। ଆଖପାଖ ଅଞ୍ଚଳର ଯୁବତୀଯୁବକ, ମହିଳାପୁରୁଷ ଯୋଗଦେଇ ରକ୍ତଦାନ କରିଥିଲେ। ଏଥିରେ ୭୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଅନୁଗୋଳ ରକ୍ତ ଭଣ୍ଡାରର ଡାକ୍ତର ତପସ୍ୱିନୀ ମିଶ୍ର ଯୋଗଦେଇ ରକ୍ତଦାତାଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟର ଲଳିତ କୁମାର ବେହେରା, ପି.କେ ଦାସ, ହରିଶ ଜେନା, ଅଶୋକ ପ୍ରଧାନ, ଅଭିମନ୍ୟୁ ବେହେରା, ସିପୁନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ ଛେଳି ଉପରେ ଚଢିଗଲା ଟ୍ରକ୍

**କଣିହାଁ,୨୮।୧୦(ଡି.ଏନ.ଏ.)**

କଣିହାଁ ବ୍ଲକ ସମଲ ଥାନା ଶରଧାପୁର ଗ୍ରାମ ନିକଟ ୧୪୯ ନଂ. ଜାତୀୟ ରାଜପଥରେ ରବିବାର ଏକ ଅଜଣା ଟ୍ରକ ଚଢିବାରୁ ୧୦ ଛେଳି ମୃତ୍ୟୁବରଣ କରିଛନ୍ତି। ଏହାର ପ୍ରତିବାଦରେ କ୍ଷତିଗ୍ରସ୍ତ ଛେଳି ଚାଷୀ ଆନ୍ଦୋଳନ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୀମା ଯୋଜନାକୁ ନେଇ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଥାନା ଆଇଆଇସି ସୁନୀଲ କୁମାର କର କହିଛନ୍ତି, ଗ୍ରାମର ବିଚିତ୍ରା ଗଡ଼ନାୟକ, ଅଲେଖ ଗଡ଼ନାୟକ, ଖଗେଶ୍ୱର ଗଡ଼ନାୟକ, ପଲଭ ଗଡ଼ନାୟକ, ଗୋଲଖ ଗଡ଼ନାୟକ, ଭରତ ଗଡ଼ନାୟକ ଋଣ କରି ଛେଳି ପାଳନ କରିଥିଲେ। ଗ୍ରାମ ନିକଟ ଜଙ୍ଗଲ ଅଞ୍ଚଳରେ ଛେଳିଙ୍କୁ ଚରାଇ ଗାଁକୁ ଜାତୀୟ ରାଜପଥ ଅତିକ୍ରମ କରି ଆଣୁଥିବାବେଳେ ଏକ ଟ୍ରକ୍ ଦ୍ରୁତ ଗତିରେ ଆସି ୧୦ ଛେଳିଙ୍କୁ ମଡ଼ାଇ ଦେଇ ପଳାଇ ଯାଇଥିଲା। ଫଳରେ ଘଟଣାସ୍ଥଳରେ ସମସ୍ତ ଛେଳିଙ୍କ ମୃତ୍ୟୁ ହୋଇଥିଲା।

■ଘଣ୍ଟପଡାରେ ଧନଦାତ୍ରୀଙ୍କ ପୂଜା

# ମା'ଙ୍କ ମୂର୍ତ୍ତି, ମଣ୍ଡପ ଦେଖିବାକୁ ଭିଡ଼



ବର ସାହି ଲକ୍ଷ୍ମୀ ପୂଜା ମେଢ।



ସ୍କୁଲସାହି ଲକ୍ଷ୍ମୀ ପୂଜା ମେଢ।

**ତାଳଚେର, ୨୮।୧୦(ନି.ପ୍ର.)**

ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜା ମହାସମାରୋହରେ ପାଳିତ ହେଉଛି। ଚଳିତ ବର୍ଷ ୨୧ଟି ପୂଜା ମଣ୍ଡପରେ ମା' ଧନଦାତ୍ରୀ ପୂଜା ପାଉଛନ୍ତି। ଗ୍ରାମର ସ୍କୁଲ ସାହି, ତିଅର ସାହି, ବର ସାହି, ଭଗବତ ସାହି, ସାମନ୍ତ ସାହି, ବାଲି ସାହି, ବଉଳ ଛକ, ଭାଗବତ ସାହି, ନାକ୍‌ଟି ସାହି, ବଡ ସାହି, ମାଳୀ ସାହି, ମଣ୍ଡପ ସାହି, ସଅର ସାହି, ଅନନ୍ତ ଛକ, ପ୍ରଧାନ ସାହି, ସ୍ୱାଇଁ ସାହିରେ ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇଥିବାବେଳେ ପୂଜା ଦେଖିବାକୁ ଗ୍ରାମ ତଥା ବାହାର ଅଞ୍ଚଳର ଲୋକଙ୍କ ସମାଗମ ହେଉଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସୁସଜ୍ଜିତ ତୋରଣ ସହିତ ଅତ୍ୟାଧୁନିକ ଆଲୋକମାଳାରେ ସମଗ୍ର ଗ୍ରାମ ଝଲସି ଉଠୁଛି । ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାରେ ପୂଜା ଅନୁଷ୍ଠିତ ହେଉଛି। ସେହିପରି ଡଅଁରା, ଜାମୁବାହାଳୀ ଆଦି ଗ୍ରାମଗୁଡିକରେ ଗଜଲକ୍ଷ୍ମୀଙ୍କ ପୂଜା ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଉଛି।

# ନୂଆମୌଜାରେ ବିଭିନ୍ନ ପ୍ରକଳ୍ପ ଭୂମିପୂଜା



ଗୋଷ୍ଠୀକେନ୍ଦ୍ର ଭୂମିପୂଜା ଅବସରରେ ଏମ୍‌ପିଙ୍କ ପ୍ରତିନିଧି, ଦଳୀୟ କାର୍ଯ୍ୟକର୍ତ୍ତା ଓ ଉପସ୍ଥିତ ଜନସାଧାରଣ।

**ଅନୁଗୋଳ ଅଫିସ୨୮।୧୦**

ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀଙ୍କ ଅନୁଗୋଳ ଜିଲା ପ୍ରତିନିଧି ଭକ୍ତି ପ୍ରସାଦ ଦାସ ରବିବାର ଆମ ଗାଁ ଆମ ବିକାଶ ଯୋଜନାରେ ଅନୁଗୋଳ ବ୍ଲକ ନୂଆମୌଜା ପଞ୍ଚାୟତ ଟିପିରିସିଂହା ଓ ଲିଙ୍ଗରାଯୋଡି ଗ୍ରାମରେ ରବିବାର ବିଭିନ୍ନ ପ୍ରକଳ୍ପର ଭୂମିପୂଜା କରିଛନ୍ତି। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସୁଫଳ ସମ୍ପର୍କରେ ଦାସ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଏମ୍‌ପିଙ୍କ ପ୍ରସ୍ତାବିତ ଜିଲା ଖଣିଜ ପାଣ୍ଠି ଅନୁଦାନରୁ ଟିପିରିସିଂହା ଗ୍ରାମରେ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଓ ଲିଙ୍ଗରଯୋଡି ଗ୍ରାମରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ, ଲିଙ୍ଗରଯୋଡି ଗ୍ରାମ ଛକ ନିକଟରେ ସୌରଚାଳିତ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅନୁମୋଦନ ହୋଇଥିବା ସ୍ଥାନୀୟ ଲୋକଙ୍କୁ ଅବଗତ କରାଇଥିଲେ। ଏହାପରେ ଏମ୍‌ପିଙ୍କ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣଧୀନ ଲିଙ୍ଗରାଯୋଡି ଗୋଷ୍ଠୀକେନ୍ଦ୍ରର କାର୍ଯ୍ୟ ତଦାରଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବ୍ଲକ ଉପାଧ୍ୟକ୍ଷା ମମତା ପ୍ରଧାନ, ନୂଆମୌଜା ସରପଞ୍ଚ ଜ୍ୟୋସ୍ନାରାଣୀ ନାୟକ, ଯୁବନେତା ମାନସ ରଞ୍ଜନ ଦେହୁରୀ, ବ୍ଲକ ସରପଞ୍ଚ ସଂଘ ସଭାପତି କନ୍ଦର୍ପ ମହାରଣା, ସମ୍ପାଦକ ଅଶୋକ ସାହୁ, ଲିଙ୍ଗରାଯୋଡି ଗ୍ରାମର ସଭାପତି ମନୋଜ ପଣ୍ଡା, ବସନ୍ତ ପ୍ରଧାନ, ସୁଶ୍ରି ସାହୁ, ଛେଳିଆପଡାର ପୂର୍ବତନ ସରପଞ୍ଚ ଅଶୋକ ଦେହୁରୀ, ବଳରାମ ଜେନା, ବିଜୁ ଯୁବବାହିନୀ କୋଷାଧ୍ୟକ୍ଷ ଜିତେନ୍ଦ୍ର ନାୟକ, ମୁନା ଦେହୁରୀ, ସିପୁନ ପ୍ରଧାନ, ଶୁଭେନ୍ଦୁ ଦେହୁରୀ, ସତ୍ୟ ମହାପାତ୍ର, ପ୍ରଦ୍ୟୁମ୍ନ ସାହୁ, ରାକେଶ ବେହେରା, ସଞ୍ଜୟ ବେହେରା, ଅନିଲ ବେହେରା, କାହ୍ନୁ ମହାପାତ୍ର, ବିଷ୍ଣୁ ମହାପାତ୍ର, ଅରବିନ୍ଦ ନାୟକ, ଅରକ୍ଷିତ ବେହେରା, ପୀତବାସ ବେହେରା, ପ୍ରମୋଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଜଙ୍ଗଲରୁ ପଥର ଚୋରି ଅଭିଯୋଗ

**ପାଲଲହଡ଼ା, ୨୮।୧୦(ଡି.ଏନ.ଏ.)**

ପାଲଲହଡ଼ା ସଦର ମହକୁମାଠାରୁ ମାତ୍ର ୫ କିମି ଦୂର ବାଗଦରି ଗ୍ରାମ୍ୟ ଜଙ୍ଗଲ ମଧ୍ୟରୁ ପ୍ରତିଦିନ ପଥର ଫଟା ଯାଇ ଶହ ଶହ ଟ୍ରିପ ପଥର ଚୋରି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ସ୍ଥାନୀୟ ତହସିଲଦାର ଏବଂ ବନବିଭାଗକୁ ଅବଗତ କରାଇଥିଲେ ମଧ ସେମାନେ ନୀରବଦ୍ରଷ୍ଟା ସାଜିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଜଣେ ପଥର ମାଫିଆ ପାଲଲହଡ଼ା ତହସିଲ କାର୍ଯ୍ୟାଳୟର କିଛି କର୍ମଚାରୀଙ୍କୁ ହାତ କରି ଦୀର୍ଘଦିନ ଧରି ଜଙ୍ଗଲରୁ ବେଆଇନ ଭାବେ ଡିନାମାଇଟ୍ ସାହାଯ୍ୟରେ ପଥର ଫଟାଇ ଶହ ଶହ ଟ୍ରିପ ମେଟାଲ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଫଳରେ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେଉଛି। ଏ ସମ୍ପର୍କରେ ତହସିଲଦାର ସୁମନ ମିଞ୍ଜ କହିଛନ୍ତି, ପୂର୍ବରୁ ଏ ନେଇ ଅଭିଯୋଗ ହୋଇଥିଲା। ଖବରପାଇ ସେଠାରେ ପହଞ୍ଚିବାପରେ କିଛି ପାଇ ନ ଥିଲୁ। ଯଦି ଘଟଣା ସତ୍ୟ ହୋଇଥାଏ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ ନେଇ ପାଲଲହଡ଼ା ବନବିଭାଗ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ।



# ସାନକେରେଜାଙ୍ଗ ବିଜୟୀ




**ଛେଣ୍ଡିପଦା,୨୮।୧୦(ଡି.ଏନ.ଏ.)**

ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ନିଶା ଥାନା ଅନ୍ତର୍ଗତ ବଡକେରେଜାଙ୍ଗ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ରବିବାର ସ୍ଥାନୀୟ ହାଇସ୍କୁଲ ଖେଳପଡିଆଠାରେ ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସାନକେରେଜାଙ୍ଗ ଏବଂ ବଡକେରେଜାଙ୍ଗ ଟିମ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ସାନକେରେଜାଙ୍ଗ ପ୍ରଥମେ ବ୍ୟାଟିଂ କରି ୬୦ ରନ କରିଥିଲା। ଜବାବରେ ବଡକେରେଜାଙ୍ଗ ୨୭ ରନ କରି ପରାସ୍ତ ହୋଇଥିଲା। ବିଜୁ ଯୁବ ବାହିନୀ ସଭାପତି ସଂଗ୍ରାମ କେଶରୀ ସାହୁ, ମୁଖ୍ୟ ସହଯୋଗୀ ଲିଟୁ ପ୍ରଧାନ, ସିଲୁ ନନ୍ଦ, ସରୋଜ ସାହୁ, ନିରଞ୍ଜନ ସାହୁ, ଲିଙ୍କନ ବେହେରା, ଅର୍ଜନ ସାହୁ, ସୁକାନ୍ତ ସାହୁ, ସନ୍ତୋଷ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅମ୍ପାୟର ଭାବେ ନରେଶ ମହାପାତ୍ର, ଲିଟୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ଶେଷଦେବ ସାହୁ, ଅମୀୟ ମହାପାତ୍ର ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ।

# ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ପ୍ରସ୍ତୁତି

**ବଅଁରପାଳ,୨୮।୧୦(ଡି.ଏନ.ଏ.)**

ବଅଁରପାଳ ବ୍ଲକ କୁଲାଡ଼ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨ ଓ ୩ ତାରିଖରେ ଏହି ଖେଳ ଅନୁଷ୍ଠିତ ହେବ। ଏଥିରେ ଜିଲାର ବିଭିନ୍ନ ସ୍ଥାନରୁ ୮ଟି କବାଡି ଟିମ୍ ଅଂଶଗ୍ରହଣ କରିବେ। ବିଜୟ ଦଳବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପ୍ରତିଯୋଗିତାକୁ ଶାନ୍ତିଶୃଙ୍ଖଳାରେ ପାଳନ କରାଯିବା ଉପରେ ଆଲୋଚନା କରାଯାଇଥିଲା। ୨ଟି ବିଭାଗରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିସହିତ କରାଟେ ଉପରେ କୌଶଳ ପ୍ରଦର୍ଶନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପ୍ରଣବ ଜେନା, ନିରୋଦ ଧିର, ବାମଦେବ ସେଠ, ବିଜୟ ସାମଲ, ପ୍ରଫୁଲ୍ଲ ସେଠ, ପ୍ରଶ୍ନ ସେଠ, ଟିଲୁଆ ଗୁପ୍ତାଙ୍କ ସମେତ ବିଭିନ୍ନ ପୂଜାକମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ତାଲା ଭାଙ୍ଗି ୧୦ ଭରି ସୁନା, ଟଙ୍କା ଲୁଟ୍

ଢେଙ୍କାନାଳ ଅଫିସ୍, ୨୮।୧୦-ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଧୀନ କଣ୍ଟେଇକୋଳିଆରେ ରହୁଥିବା ସନ୍ତୋଷ ସାହୁଙ୍କ ଘରୁ ରବିବାର ରାତି ପ୍ରାୟ ୧୦ଟାରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ଘରୁ ୧୦ ଭରି ସୁନା, ନଗଦ ୬ ହଜାର ଟଙ୍କା ସମେତ ଆସବାବପତ୍ର ଲୁଟ୍ ହୋଇଛି। ସନ୍ତୋଷ ପରିବାର ସହ ଲକ୍ଷ୍ମୀପୂଜା ଦେଖିବାକୁ ଢେଙ୍କାନାଳ ଆସିଥିଲେ। ଘରେ କେହି ନ ଥିବା ସୁଯୋଗରେ ଅଭିଯୁକ୍ତମାନେ ଘର ତାଲା ଭାଙ୍ଗି ଅଳଙ୍କାର ସହିତ ମୂଲ୍ୟବାନ ସାମଗ୍ରୀ ନେଇଯାଇଥିବା ଅଭିଯୋଗ ହୋଇଛି। ଏହାର ମୂଲ୍ୟ ସାଢ଼େ ୩ ଲକ୍ଷ ଟଙ୍କା ହେବ ବୋଲି ସନ୍ତୋଷ କହିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ରାଜ୍ୟସ୍ତରୀୟ ଫୁଟ୍‌ବଲ୍: ଫାଇନାଲରେ ନାଲ୍‌କୋ ଏକାଦଶ

ପାଲଲହଡ଼ା,୨୮।୧୦(ଡି.ଏନ.ଏ.)- ପାଲଲହଡ଼ା ଷ୍ଟାଡିୟମଠାରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଲଲହଡ଼ା କପ୍‌ର ୩ୟ ଦିନରେ ରାଇଜିଂ ଷ୍ଟୁଡେଣ୍ଟ କଟକକୁ ଟ୍ରାଇବ୍ରେକର ସାହାଯ୍ୟରେ ୫-୪ ଗୋଲରେ ହରାଇ ନାଲକୋ ଏକାଦଶ ଅନୁଗୋଳ ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ପୂର୍ବତନ ବ୍ଲକ ଅଧକ୍ଷା କ୍ଷୀରୋଦ୍ରୀ ବେହେରା ଯୋଗ ଦେଇଥିଲେ। ରେଫରି ପ୍ରଶାନ୍ତ ପାଳ, ସଲିଲ ବେହେରା, ଦିଲୀପ ରାଉତ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ନେତ୍ରାନନ୍ଦ ମହାକୁଳ,ସମ୍ପାଦକ ଈଶ୍ୱର ବେହେରା, ପ୍ରଶାନ୍ତ ଦାସ, ଅଭୟ ନାୟକ, ନରେନ୍ଦ୍ର ଭକ୍ତା ପ୍ରମୁଖ ସହଯୋଗ କରିଥିଲେ।

### ରାମଚଣ୍ଡୀ ପୀଠର ଉନ୍ନତୀକରଣ ଉପରେ ଆଲୋଚନା

ଛେଣ୍ଡିପଦା, ୨୮।୧୦(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମର ପଥରନାଳଠାରେ ଥିବା ଗିରି ଗୋବର୍ଦ୍ଧନ ଠାକୁର ଓ ମା' ରାମଚଣ୍ଡୀ(ବନବାସିନୀ)ଙ୍କ ପୀଠ ସ୍ଥଳରେ ଦେହୁରୀସାହି ଓ କୋଶଳା ଗ୍ରାମବାସୀଙ୍କ ସହଯୋଗରେ ଆସନ୍ତା ମକର ସଂକ୍ରାନ୍ତି ପୂଜା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ତାଳଚେର ଓ କଣିହାଁ ବ୍ଲକ ସୀମାକୁ ଲାଗି ଥିବା ଏହି ପୀଠସ୍ଥଳକୁ ପର୍ଯ୍ୟଟନ ସ୍ଥଳୀ କରାଯିବା ନେଇ ପ୍ରଶାସନକୁ ଜଣାଇବାକୁ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଅତିଥି ଭାବେ ଦିଲୀପ କୁମାର ସାହୁ ଯୋଗ ଦେଇଥିଲେ। ଗତବର୍ଷ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ପୀଠର ଉନ୍ନତି କରଣ ନିମନ୍ତେ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରାଯାଇ ପୀଠ ସ୍ଥଳରେ ବିଶ୍ରାମାଗାର, ମଣ୍ଡପ, ବିଦ୍ୟୁତ ସଂଯୋଗ, ନଳକୂଅ ଆଦିର ବ୍ୟବସ୍ଥା କରାଯିବାକୁ କମିଟି ତଥା ଗ୍ରାମବାସୀଙ୍କ ପକ୍ଷରୁ ନିବେଦନ କରାଯାଇଛି। ବୈଠକରେ ପରିଚାଳନା କମିଟିର ମୁଖ୍ୟ ବିପିନ ବିହାରୀ ସାହୁ, ବସନ୍ତ କୁମାର ଦେହୁରୀ, ଦଣ୍ଡଧର ଦେହୁରୀ, କାଳିଆ ଦେହୁରୀ, ସୁରେଶ ଦେହୁରୀ, ଅର୍ଜୁନ କୁମାର ଗଡନାୟକ, ରାଜକିଶୋର ଗଡନାୟକ, ଯୁଗଳକିଶୋର ଗଡନାୟକ, ପୂଜକ ପ୍ରଦୀପ ଦେହୁରୀଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ।

### ଜରପଡା, ଦୁର୍ଗାପୁରରେ ଲକ୍ଷ୍ମୀପୂଜା

ଛେଣ୍ଡିପଦା,୨୮।୧୦(ଡି.ଏନ.ଏ.)- ଛେଣ୍ଡିପଦା ବ୍ଲକ ଜରପଡା ଏବଂ ଦୁର୍ଗାପୁର ଗ୍ରାମରେ ବାର୍ଷିକ ଗଜଲକ୍ଷ୍ମୀ ପୂଜା ଉତ୍ସବ ପାଳନ ହେଉଛି। ମା' ଧନଦାତ୍ରୀଙ୍କ ମୃଣ୍ମୟୀ ପ୍ରତିମାକୁ ଯଥାବିଧି ପୂଜା ସହ ପାରମ୍ପରିକ ରୀତିରେ ହୋମଯଜ୍ଞ, ପୁରାଣ ପାଠ, ଅନ୍ନ ପ୍ରସାଦସେବନ, ନାମ ସଂକୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏହି ଅବସରରେ ଜରପଡା କୁମୁରୁସିଂହ ପୂଜା କମିଟି ପକ୍ଷରୁ ୨ ରାତି ମେଲୋଡି ପରିବେଷଣ କରାଯାଇଥିଲା। ପୂଜା କମିଟିର ସମସ୍ତ ସଦସ୍ୟ ତଥା କର୍ମକର୍ତ୍ତା ସହଯୋଗ କରୁଛନ୍ତି। ଏଥିସହ ଜେରେଙ୍ଗ ଦେହୁରୀସାହି, ପରା, ଓଗୀ, ତୁକୁଡା, କୋଇଡା, ନାଉପଦା, ପୁଟଗାଡିଆ ଆଦି ଗ୍ରାମରେ ଏହି ଉତ୍ସବ ଧୁମଧାମରେ ପାଳନ କରାଯାଉଛି। ଏ ନେଇ ସମଗ୍ର ପୁରପଲ୍ଲୀ ଚଳଚଞ୍ଚଳ ହୋଇଛି।

# ହାତୀମୃତ୍ୟୁ ପରେ ଜନବସତିରେ ବଢ଼ୁଛି ଭୟ

ଢେଙ୍କାନାଳ ଅଫିସ୍, ୨୮।୧୦

- ଓହଳିଛି ବିଦ୍ୟୁତ୍ ତାର, ମରାମତି ହେଉନି ଖୁଣ୍ଟ
- ସେସୁ, ଏନ୍‌ଜେନ୍‌ର ଅବହେଳା ଅଭିଯୋଗ
- ତୀବ୍ର ହେଉଛି ଅସନ୍ତୋଷ, ଆନ୍ଦୋଳନ ଚେତାବନୀ

ବନାଞ୍ଚଳଠାରୁ ଆରମ୍ଭ କରି ଜନବସତି ଯାଏ ସବୁଠି ଜଳଜଳ ବିଦ୍ୟୁତ୍ ଅବ୍ୟବସ୍ଥାର ଦୟନୀୟ ଚିତ୍ର। କେଉଁଠି ଓହଳି ରହିଛି ତାର ତ ଆଉ କେଉଁଠି ଖୁଣ୍ଟ ଉପୁଡ଼ି ପଡ଼ିବା ଅବସ୍ଥାରେ। ମୁଣ୍ଡ ଉପରେ ବିପଦକୁ ନେଇ ଯାତାୟାତ କରୁଛନ୍ତି ଉଭୟ ବନ୍ୟପ୍ରାଣୀ ଓ ମଣିଷ। ପୂର୍ବରୁ ମଣିଷ ମରିଥିଲେ, ଏବେ ଏକାଥରକେ ଏତେ ସଂଖ୍ୟାରେ ହାତୀ ବି ମଲେ। ତଥାପି ଚେତୁନାହାନ୍ତି ସେସୁ କିମ୍ବା ଏନ୍‌ଜେନ୍। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ମରାମତି ଅଭାବରୁ ଜିଲାର ବିଭିନ୍ନ ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ରହିଛି ଉଚ୍ଚକ୍ଷମତା ସମ୍ପନ୍ନ ୧୧ କେଭି ବିଦ୍ୟୁତ୍ ତାର। ଏଲ୍‌ଟି ଲାଇନ୍ ଅବସ୍ଥା ବି ତଦ୍ରୂପ। ତଥାପି ବିଭାଗ ପକ୍ଷରୁ ସାମାନ୍ୟ ଆନ୍ତରିକତା ଦେଖାଯାଉନାହିଁ। ଏମିତି ନୁହେଁ, ଜିଲା ପ୍ରଶାସନ ପକ୍ଷରୁ ବିଦ୍ୟୁତ୍ ଯୋଗାଣ ଦାୟିତ୍ୱରେ ଥିବା ସେସୁ ଓ ଏନ୍‌ଜେନ୍‌କୁ ତାଗିଦ୍ କରାଯାଇନାହିଁ। ଜିଲାର ବିଦ୍ୟୁତ୍ ବ୍ୟବସ୍ଥା ସଜାଡ଼ିବାକୁ ବାରମ୍ବାର ବୈଠକ ବସୁଛି। ଉପସ୍ଥିତ ଅଧିକାରୀଙ୍କୁ ତାଗିଦ୍ ବି କରାଯାଉଛି। ହେଲେ ଏହାର ସାମାନ୍ୟ ଫରକ ପଡୁନାହିଁ। ପ୍ରଶାସନର ନିର୍ଦ୍ଦେଶକୁ ବାଏଁ ବାଏଁ ଉଡ଼ାଇ ଦେଉଛନ୍ତି ଅଧିକାରୀ। ବିପଦସଙ୍କୁଳ ଅବସ୍ଥାରେ ଥିବା ତାର, ଖୁଣ୍ଟ ମରାମତି କରିବାକୁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ନିଜ ଦାୟିତ୍ୱରୁ ମୁହଁ ଫେରାଇ ନେଉଥିବା ସହରବାସୀ ଅଭିଯୋଗ କରିଛନ୍ତି। ଏ ଦିଗରେ ପଦକ୍ଷେପ ନ ନେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ଢେଙ୍କାନାଳ ସେସୁ ନିର୍ବାହୀଯନ୍ତ୍ରୀ ସ୍ୱପ୍ନ ସରିତ ମିଶ୍ର କୁହନ୍ତି, ସହର ଏବଂ ଜିଲାର ବିଭିନ୍ନ ସ୍ଥାନରେ ଥିବା ବିପଦସଙ୍କୁଳ ତାର, ଖୁଣ୍ଟକୁ ବଦଳାଇବାକୁ ଉଦ୍ୟମ ଚାଲିଛି। କେତେକ ସ୍ଥାନରେ ମରାମତି ମଧ୍ୟ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ଦୁଇବର୍ଷ ତଳେ ଭୁବନରେ ଘଟିଥିଲା ଦୁର୍ଘଟଣା। ଓହଳି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୬ଜଣ ବସ୍ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଢେଙ୍କାନାଳ ସହର ଉପକଣ୍ଠ ବୋରାପଦାରେ କମ୍ ଉଚ୍ଚତାରେ ଟଣାଯାଇଥିବା ଘରୋଇ ବିଦ୍ୟୁତ୍ ତାରରେ ଛନ୍ଦି ହୋଇ ୩ ହାତୀ ପ୍ରାଣ ହରାଇଥିଲେ। ଏହି ଘଟଣାରେ ମଧ୍ୟ ସେସୁର ଦାୟିତ୍ୱହୀନତା ପଦାକୁ ଆସିଥିଲା। ଉକ୍ତ ସମୟରେ ସରକାରୀସ୍ତରରେ ଫରେଷ୍ଟର, ଫରେଷ୍ଟ ଗାର୍ଡ ଏବଂ ସେସୁ କର୍ମଚାରୀଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। ହେଲେ ସେପରି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଶନିବାର ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗରେ ବିଦ୍ୟୁତ୍ ଆଘାତରେ ୭ ହାତୀଙ୍କ ମୃତ୍ୟୁ ଘଟଣା ପରେ ରାଜ୍ୟ ସରକାର କ୍ରାଇମ ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦାୟିତ୍ୱହୀନତା ଲାଗି ସେସୁ ଏବଂ ବନ ବିଭାଗ କର୍ମଚାରୀଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହା ପରେ ଢେଙ୍କାନାଳରେ ବିଦ୍ୟୁତ୍ ଅବ୍ୟବସ୍ଥା ସଜାଡ଼ିବାକୁ ବିଭାଗ ପକ୍ଷରୁ କିଭଳି ସତର୍କତାମୂଳକ ପଦକ୍ଷେପ ନିଆଯାଉଛି ତାହା ଦେଖିବାକୁ ବାକି ରହିଲା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।



କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ।

## ଜିଲାସ୍ତରୀୟ ମହୁଚାଷ କର୍ମଶାଳା

କାମାକ୍ଷାନଗର, ୨୮।୧୦(ଡି.ଏନ୍.ଏ.)

କାମାକ୍ଷାନଗର ଗଡ଼ଜାତ ଭବନରେ ରବିବାରଠାରୁ ଆରମ୍ଭ ହୋଇଛି ଦୁଇଦିନିଆ ଜିଲାସ୍ତରୀୟ ମହୁଚାଷ ସମ୍ପର୍କିତ ସଚେତନତା କର୍ମଶାଳା। ଏଥିରେ ଅବିଭକ୍ତ ଢେଙ୍କାନାଳ ଜିଲା ସମେତ କଙ୍କଡ଼ାହାଡ଼, କାମାକ୍ଷାନଗର, ଭୁବନ ଏବଂ କଣିହାଁ ବ୍ଲକର ବହୁ ମହୁଚାଷୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ସେମାନଙ୍କୁ ବୈଜ୍ଞାନିକ ପଦ୍ଧତିରେ ମହୁଚାଷ, ମହୁମାଛି ପାଳନ, ବିକ୍ରି, ସୁରକ୍ଷା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଜାତୀୟ ମହୁ ବୋର୍ଡ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ କୃଷି ଏବଂ କୃଷକ ଉନ୍ନୟନ ସଂସ୍ଥା ଆୟୋଜନ କରିଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଉଦ୍ୟାନ ବିଭାଗର ଭଗବାନ ଦାସ, ରମେଶ ଚନ୍ଦ୍ର ଦାସ, ପତିତପାବନ ସାମନ୍ତରାୟ, ରେଞ୍ଜର ବିଭୁଦାନନ୍ଦ ମିଶ୍ର, ତନିଷ୍କ ଗ୍ରାମୀଣ ସଂସ୍ଥା ସମ୍ପାଦକ ସଞ୍ଜୀବ କୁମାର, ପ୍ରଶିକ୍ଷକ ବିଷ୍ଣୁ ଜାଙ୍ଗଲ, ତାପସ ସାହୁ, ଆଲୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆକର୍ଷଣ ସାଜିଛି ସଚେତନତା ମୂର୍ତ୍ତି

ବଅଁରପାଳ,୨୮।୧୦ (ଡ଼ି.ଏନ୍.ଏ)

ବଅଁରପାଳ ବ୍ଲକ ନାଲ୍‌କୋ ଓ କୁଲାଡ଼ ଅଞ୍ଚଳରେ ଦେବୀ ପଦ୍ମାଳୟା ୨୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଉଛନ୍ତି। କୁଲାଡ଼ ଗ୍ରାମର ପୂଜାରେ ପ୍ରତ୍ୟେକ ସନ୍ଧ୍ୟାରେ ବହୁ ସଂଖ୍ୟାରେ ଲୋକଙ୍କ ଭିଡ଼ ଜମୁଛି। ଲୋକଙ୍କୁ ବିଭିନ୍ନ ବିଷୟରେ ସଚେତନତା ବାର୍ତ୍ତା ପ୍ରଦାନ ପାଇଁ ପୂଜା କମିଟି ପକ୍ଷରୁ କାର୍ଟୁନ୍ ଓ ମୂର୍ତ୍ତି ମାନ ନିର୍ମାଣ କରାଯାଇଛି। କୁଲାଡ଼ ବାବାସ୍ କ୍ଲବ ତରଫରୁ ୫୫ ନଂ ଜାତୀୟ ରାଜପଥରେ କିଭଳି ଦୁର୍ଘଟଣା ବୃଦ୍ଧି ପାଉଛି ସେ ଉପରେ କାର୍ଟୁନ୍ ଚିତ୍ର ପ୍ରଦର୍ଶନୀ କରାଯାଇଛି। ଏଥିସହ ସାତକୋଶିଆରେ ବାଘୁଣୀ ଆତଙ୍କ, କିନ୍ନରମାନଙ୍କ ପାଇଁ ନୂତନ ଆଇନ ପ୍ରଣୟନ, କଳିଯୁଗ ଓ ସତ୍ୟଯୁଗର ବାବାମାନଙ୍କ ଉପରେ ପ୍ରଦର୍ଶିତ ମୂର୍ତ୍ତି ବେଶ ଆକର୍ଷଣୀୟ ହୋଇଛି। ସେହିପରି ବ୍ରାହ୍ମଣୀଦେବୀ ସାହି ପୂଜା ମଣ୍ଡପର ପୌରାଣିକ କଥା ବସ୍ତୁକୁ ଆଧାର କରି ହୋଇଥିବା ମୂର୍ତ୍ତି, ନାଲକୋ ନଗର ଟାଉନ୍‌ସିପି ଠାରେ ହନୁମାନଙ୍କ ମୂର୍ତ୍ତି ମଧ୍ୟ ମନଲୋଭା ହୋଇଛି। ଏହି ଅବସରରେ ବିଭିନ୍ନ ପୂଜା କମିଟି ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶାନ୍ତି ଶୃଙ୍ଖଳା ପାଇଁ ସ୍ୱତନ୍ତ୍ର ଭାବେ କୁଲାଡ଼ ଛକଠାରେ ଏକ ଫାଣ୍ଡି ସ୍ଥାପନ କରାଯାଇଛି।



ବାବାସ୍ କ୍ଲବ ପକ୍ଷରୁ ସଡ଼କ ଦୁର୍ଘଟଣା ସମ୍ପର୍କରେ ପ୍ରସ୍ତୁତ ସଚେତନତା କାର୍ଟୁନ।

## ଆମ ପୋଲିସ ସମିତି ବୈଠକ

ଛେଣ୍ଡିପଦା,୨୮।୧୦(ସ୍ୱ.ପ୍ର)

ନିଶା ଶିଳ୍ପାଞ୍ଚଳ ଓ ଛେଣ୍ଡିପଦା ଥାନା ପାତ୍ରପଡା ପଞ୍ଚାୟତ ଅଫିସ ପରିସରରେ ରବିବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଶା ଶିଳ୍ପାଞ୍ଚଳ ଥାନା ଅଧିକାରୀ ଲବ ବୋଡା ଏଥିରେ ସଭାପତିତ୍ୱ କରିଥିଲେ। ବେଆଇନ ମଦ ବିକ୍ରି ରୋକିବା, ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରକ୍ଷା କରିବା, ପାଟ୍ରୋଲିଂ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ବିପିନ ବିହାରୀ ମହାପାତ୍ର, ଦୁଃଶାସନ ପ୍ରଧାନ, ଶଙ୍କର୍ଷଣ ସାହୁ, ବଂଶୀଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଛେଣ୍ଡିପଦା ଥାନା ଅଧିକାରୀ ନିର୍ମଳା ଗୋଚ୍ଛାୟତଙ୍କ ସଭାପତିତ୍ୱରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପାତ୍ରପଡା ସରପଞ୍ଚ ଯୋଗେଶ୍ୱର ସାହୁ ଯୋଗଦେଇ ଥିଲେ।

## ମନ୍ଦିର ସଫେଇ କଲେ ଗ୍ରାମବାସୀ


ବଡହୁଲା ଗ୍ରାମବାସୀ ମନ୍ଦିର ପରିସର ସଫେଇ କରୁଛନ୍ତି।

ବଇଣ୍ଡା,୨୮।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ବଡ଼ହୁଲା ଗ୍ରାମବାସୀ ଶନିବାର ଗ୍ରାମ ସ୍ଥିତ ଶିବ ମନ୍ଦିର ପରିସର ସଫେଇ କରିଛନ୍ତି। ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଏକଜୁଟ୍ ହୋଇ ମନ୍ଦିର ଭିତର ସଫାସୁତୁରା କରିବା ଚତୁଃପାର୍ଶ୍ୱରେ ଭର୍ତ୍ତି ହୋଇଥିବା ଅନାବନା ଗଛ, ବୁଦା କାଟି ପରିଷ୍କାର କରିଥିଲେ। ପରେ ଏକ ବୈଠକର ଆୟୋଜନ କରାଯାଇଥିଲା। ଗ୍ରାମରେ ନିର୍ମାଣ ହେଉଥିବା ନୂତନ ଶିବ ମନ୍ଦିରର ପ୍ରତିଷ୍ଠା ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଗ୍ରାମ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଅର୍ଜୁନ ଦେହୁରୀ, ମନ୍ଦିର ପରିଚାଳନା କମିଟି ସଭାପତି ଅରକ୍ଷିତ ସାହୁ, ଭୀଷ୍ମ ଦେହୁରୀ, ତ୍ରିନାଥ ପ୍ରଧାନ, ସର୍ବେଶ୍ୱର ମହାପାତ୍ର, କୁଞ୍ଜବିହାରୀ ଦେହୁରୀ, ହେମନ୍ତ ପ୍ରଧାନ, ସୁଦାମ ପ୍ରଧାନ, ହୃଷୀକେଶ ସାହୁ, ବିଭୁତି ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗାଡରଖାଇବାସୀଙ୍କ ସମସ୍ୟା ସମାଧାନ କରିବାକୁ ଦାବି

ବଅଁରପାଳ,୨୮।୧୦(ଡି.ଏନ.ଏ.)

ବଅଁରପାଳ ବ୍ଲକ ତୁଳସୀପାଳ ପଞ୍ଚାୟତରେ ରବିବାର କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା ଯୋଗଦେଇ କହିଲେ, ତୁଳସୀପାଳ ପଞ୍ଚାୟତ ଅବହେଳିତ ଅବସ୍ଥାରେ ରହିଛି। ନାଲ୍‌କୋ ପାରିପାର୍ଶ୍ୱିକ ଗାଁ ହୋଇଥିଲେ ମଧ୍ୟ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରି ନାହିଁ। ରାସ୍ତା ଘାଟଠାରୁ ଆରମ୍ଭ କରି କୌଣସି ସରକାରୀ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଏଥିପାଇଁ ନିର୍ବାଚିତ ପ୍ରତିନିଧିଙ୍କ ଆନ୍ତରିକତା ଅଭାବ ରହିଥିବା ଜେନା କହିଥିଲେ। ଏହି ଅବସରରେ ଗାଡରଖାଇ ଗାଁ ବିସ୍ଥାପିତ ସମସ୍ୟା ସମାଧାନ ପାଇଁ ଦାବି କରିଥିଲେ। ବଅଁରପାଳ ବ୍ଲକ ସଭାପତି ଦିଲୀପ ରାଉତ, ଜୋନ ସଭାପତି ଅଭିରାମ ପଟ୍ଟନାଏକ, କାର୍ଯ୍ୟକାରୀ ସଭାପତି ବସନ୍ତ ବିଶୋଇ, ପଟାୟାତ ପ୍ରଧାନ, ନେହେରୁ ସାହୁ, ଉଲ୍ଲାସ ସାହୁ, ପତିତ ବିଶ୍ୱାଳ, ବିପ୍ରୁ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ। ତ୍ରିନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ତାଳଚେର,୨୮।୧୦(ନି.ପ୍ର.)

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରବିବାର ଇଗନୋ ନବାଗତ ଛାତ୍ରୀଛାତ୍ରୀଙ୍କୁ ସ୍ୱାଗତ କରାଯାଇଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରର ସଂଯୋଜକ ପ୍ରାଧ୍ୟାପକ ତ୍ରିପୁରାରି ନାଥ ଯୋଗଦେଇ ଇଗ୍‌ନୋର କାର୍ଯ୍ୟଧାରା, ପରିଚାଳନା, ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ସ୍ୱଚ୍ଛତାକୁ ମହାମନ୍ତ୍ରଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। କଲେଜ ଅଧକ୍ଷ ବସନ୍ତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗନେଇ ନୂତନ ଜ୍ଞାନ ଆହରଣ ଆଗ୍ରହ ସର୍ବଦା ଆଗ୍ରହୀ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଅଧାପକ ଡ. ଉପେନ୍ଦ୍ର ପରିଡା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଡ. ନିମାଇଁ ଚରଣ ପ୍ରଧାନ ଯୋଗ ଦେଇଥିଲେ। ଅଧାପିକା ବାସନ୍ତୀ ବଳିୟାର ସିଂହ ଧନ୍ୟବାଦ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧାପିକା, ଅଧାପକ କର୍ମଚାରୀ, ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

## ରାଣୀବୋଲକୁ ପ୍ଲାଷ୍ଟିକମୁକ୍ତ କରିବାକୁ ଶପଥ

କାମାକ୍ଷାନଗର, ୨୮।୧୦(ଡି.ଏନ.ଏ.)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଦଶିପୁର ପଞ୍ଚାୟତର ରାଣୀବୋଲ ଗ୍ରାମକୁ ପ୍ଲାଷ୍ଟିକ୍ ମୁକ୍ତ କରିବାକୁ ଗ୍ରାମବାସୀ ସଂକଳ୍ପବଦ୍ଧ ହୋଇଛନ୍ତି। ଏହି ଅବସରରେ ଏକ ଶୋଭାଯାତ୍ରା ନଗର ପରିକ୍ରମା କରି ସଚେତନତା ବାଣ୍ଟିଥିଲା। ଏଥିସହ ପଲିଥିନର କୁପ୍ରଭାବ, କାଗଜ ଠୁଙ୍ଗାର ବ୍ୟବହାର ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବା ସହ ସଫେଇ କରାଯାଇଥିଲା। ଏଥିରେ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ର, ଗୁରୁମାଗୁରୁଜୀ, ପରିଚାଳନା କମିଟି କର୍ମକର୍ତ୍ତାଙ୍କ ସମେତ ବହୁ ଗ୍ରାମବାସୀ ସାମିଲ ହୋଇଥିଲେ। ମୁଖ୍ୟଅତିଥି ଭାବେ ବନ ବିଭାଗର ବରିଷ୍ଠ ଅଧିକାରୀ ସଞ୍ଜୟ କୁମାର ସ୍ୱାଇଁ, ଶିଶୁ ମନ୍ଦିର ସଭାପତି ସୁଗ୍ରୀବର ବେହେରା, ସମ୍ପାଦକ ବୁଦ୍ଧିମନ୍ତ ସାହୁ, ପ୍ରଧାନ ଆଚାର୍ଯ୍ୟ କଲ୍ୟାଣୀ ସାହୁ, ସଞ୍ଜୀବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ହିଙ୍ଗୁଳା କ୍ଲବକୁ ହରାଇ ତଳମୂଳ ଚାମ୍ପିୟନ


ଅତିଥଙ୍କ ସହ ଉଭୟ ଦଳର ଖେଳାଳିମାନେ।

ବଅଁରପାଳ,୨୮।୧୦(ଡି.ଏନ.ଏ.)

ବଅଁରପାଳ ବ୍ଲକ ତଳମୂଳଠାରେ ବିଜୁ ଯୁବ ବାହିନୀ ପକ୍ଷରୁ ଚାଲିଥିବା ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ୭ ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଗଡ଼ ତଳମୂଳ ଏବଂ ମା' ହିଙ୍ଗୁଳା କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏଥିରେ ୨-୦ ଗୋଲରେ ଗଡ଼ ତଳମୂଳ ଚାମ୍ପିୟନ ହୋଇଛି। ଅତିଥି ଭାବେ ଯୁବନେତା ଅରବନ ସିଂ, କମଳ ଲୋଚନ ସାମଲ, ଅରବିନ୍ଦ ଜେନା ପ୍ରମୁଖ ଯୋଗ ଦେଇଥିଲେ। ତଳମୂଳ ଯୁବ ବାହିନୀ ସଭାପତି ପ୍ରକାଶ କୁମାର ଦାସ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମନୋରଞ୍ଜନ ପଟ୍ଟନାୟକ, ବିଶ୍ୱଜିତ୍ ଦାସ, ଦିଲୀପ ଦଳବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

### ଧରିତ୍ରୀର ଢେଙ୍କାନାଳ – ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୬୮, କଣିହାଁ- ୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଫାଇନାଲରେ ମା' ମଙ୍ଗଳା କ୍ଲବ

**ଢେଙ୍କାନାଳ ଅଫିସ, ୨୮।୧୦-** ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲାସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ବନମାଳୀପ୍ରସାଦ ମା' ମଙ୍ଗଳା କ୍ଲବ ଟାଇବ୍ରେକର ଜରିଆରେ ନରଣପୁର ପପୁଲାର କ୍ଲବକୁ ୪-୩ ଗୋଲରେ ହରାଇ ଫାଇନାଲରେ ପହଞ୍ଚିଛି। ମ୍ୟାଚ୍ ଗୋଲ ଶୂନ୍ୟ ରହିବା ପରେ ଫଳାଫଳ ପାଇଁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ମା' ମଙ୍ଗଳା କ୍ଲବ ବିଜୟୀ ହୋଇଛି। ଅନିଲ ନନ୍ଦ, ମହାବୀର ନାଥ, ଅରୁଣ ନାୟକ, ପର୍ଶୁରାମ ମିଶ୍ର, ମାୟାଧର ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ଅତିଥି ଭାବେ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରାଇଥିଲେ । ଆସନ୍ତା ୩୦ ତାରିଖରେ ନେତାଜୀ କ୍ଲବ ଏବଂ ମା' ମଙ୍ଗଳା କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି ।

### ସନ୍ଧ୍ୟା ଦର୍ଶନ ଲାଗି ମଣ୍ଡପରେ ଭିଡ଼

**ଢେଙ୍କାନାଳ ଅଫିସ,୨୮।୧୦-** ଲକ୍ଷ୍ମୀପୂଜାକୁ ନେଇ ଉତ୍ସବମୁଖର ହୋଇଉଠିଛି ଗଁଦିଆ ବ୍ଲକର ଝାରଦା। ସନ୍ଧ୍ୟା ହେଲେ ପୂଜା ଦେଖିବାକୁ ମଣ୍ଡପରେ ପ୍ରବଳ ଜନସମାଗମ ହେଉଛି। ଆଲୋକମାଳାରେ ପୂଜାସ୍ଥଳ, ବଜାର ଝଲସି ଉଠୁଛି। ପୂଜା ଉପଲକ୍ଷେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଭଜନ ସମାରୋହ ଆୟୋଜିତ ହୋଇଥିଲା। ଏହାକୁ ସାମାଜିକ କର୍ମୀ କୈଳାସ ଚନ୍ଦ୍ର ପୃଷ୍ଟି ଉଦ୍‌ଘାଟନ କରିଥିଲେ। ଏଥିସହ ସ୍ଥାନୀୟ ଦୋଳମଣ୍ଡପରେ ଶନିବାର ଜୟ ଜଗନ୍ନାଥ କ୍ଲବ ପକ୍ଷରୁ 'ନିଜେ ଭାଙ୍ଗିଦେଲି ନିଜ ସଂସାର' ନାଟକ ମଞ୍ଚସ୍ଥ ହୋଇଥିଲା। ଶିକ୍ଷକ ହରିହର ସାହୁ, ଯୁବ କଳାକାର ବିନାୟକ ମହାନ୍ତି ଏବଂ କ୍ଲବର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଦୁର୍ଘଟଣାରେ ଜଣେ ଗୁରୁତର

**ପରଜଙ୍ଗ, ୨୮।୧୦(ଡି.ଏନ୍.ଏ.)-** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥରେ ରବିବାର ସନ୍ଧ୍ୟାରେ ବାଇକ୍‌ରୁ ଖସିପଡ଼ି କନ୍ଦରସିଂହା ଗ୍ରାମ ମଝିସାହିର ଧୀରେନ ବିଶ୍ୱାଳ ଗୁରୁତର ହୋଇଛନ୍ତି। ସେ କାମାକ୍ଷାନଗରରୁ ଘରକୁ ଫେରୁଥିବାବେଳେ ତାଙ୍କୁ ଏକ ବାଇକ୍ ହଠାତ୍ ଓଭରଟେକ୍ କରି ଚାଲିଯାଇଥିଲା। ଏଥିରେ ଭାରସାମ୍ୟ ହରାଇ ସେ ଗାଡ଼ିରୁ ଖସିପଡ଼ିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ସହାୟତାରେ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି।

### ପୁରୁଖା କଂଗ୍ରେସ ନେତାଙ୍କ ପରଲୋକ

**ପରଜଙ୍ଗ, ୨୮।୧୦(ଡି.ଏନ୍.ଏ.)-** ପରଜଙ୍ଗ ନିର୍ବାଚନ ମଣ୍ଡଳୀର ଜଣାଶୁଣା କଂଗ୍ରେସ ନେତା ସରମାନନ୍ଦ ସାମଲ (୫୭)ଙ୍କ ରବିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ପରମାନନ୍ଦ ପ୍ରାତଃ ୫ଟାରେ ନିତ୍ୟକର୍ମ ସାରି ବଜାରକୁ ଚା' ପିଇବାକୁ ଯାଇଥିଲେ। ସେଠାରେ ହଠାତ୍ ତାଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା। ଘରକୁ ଆସିବା ପରେ ସେ ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କୁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ସରମାନନ୍ଦ ୧୯୭୦ରୁ କଂଗ୍ରେସର ସକ୍ରିୟ କର୍ମୀ ଭାବେ ଦଳ ସହ ଜଡ଼ିତ ଥିଲେ। ଜଣେ ଧର୍ମପରାୟଣ, ମେଳାପୀ ବ୍ୟକ୍ତି ଭାବେ ସେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଦଳ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି।

■ଜମୁଛି ଲକ୍ଷ୍ମୀପୂଜା ମାହୋଲ

# ଗ୍ରାମାଞ୍ଚଳରେ ଆଧ୍ୟାତ୍ମିକ ବାତାବରଣ






ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ମହୁଲପାଳ, ପରଜଙ୍ଗ ଏବଂ ରାସୋଳ ପଞ୍ଚାୟତ ବାଙ୍କଟିଆ ଗ୍ରାମର ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ଦେବଦେବୀଙ୍କ ମୃଣ୍ମୟୀ ପ୍ରତିମା।

**ଓଡ଼ାପଡ଼ା/ଭୁବନ/ଭାପୁର, ୨୮।୧୦(ଡି.ଏନ.ଏ.)**

ଗଣପର୍ବ ଲକ୍ଷ୍ମୀପୂଜାରେ ସାମିଲ ହୋଇଛି ସାରା ଢେଙ୍କାନାଳ ଜିଲା । ଏହାକୁ ନେଇ ସହରଠାରୁ ଆରମ୍ଭ କରି ପୁରପଲ୍ଲିରେ ଦେଖିବାକୁ ମିଳିଛି ଉତ୍ସବର ମାହୋଲ। ମଣ୍ଡପରେ ନୀତିକାନ୍ତି ଅନୁଯାୟୀ ମା'ଙ୍କ ପୂଜା ଚାଲିଥିବାବେଳେ ନାମ ସଂକୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ, ମିନାବଜାର, ବନ୍ଧୁବାନ୍ଧବଙ୍କ ଭିଡ଼ରେ କମ୍ପୁଛି ଗ୍ରାମ୍ୟ ପରିବେଶ ।

ଓଡ଼ାପଡ଼ା ବ୍ଲକ ମାନପୁରରେ ଲକ୍ଷ୍ମୀନାରାୟଣ କ୍ଲବ ପକ୍ଷରୁ ମହାସମାରୋହରେ ପାଳିତ ହେଉଛି ୪୪ତମ ଲକ୍ଷ୍ମୀପୂଜା। ସୁଉଚ୍ଚ ତୋରଣ ସାଙ୍ଗକୁ ମଣ୍ଡପରେ ଦଶ ଅବତାର ଏବଂ ଲକ୍ଷ୍ମୀନାରାୟଣଙ୍କ ପ୍ରତିମା ଶୋଭା ପାଉଛି। ପୂଜା କମିଟି ପକ୍ଷରୁ ନଭେମ୍ବର ୧ରୁ ତିନିଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୪ ତାରିଖରେ ଭସାଣି ଉତ୍ସବ ରହିଥିବା କ୍ଲବ ସଦସ୍ୟ ବିନୋଦ ବିହାରୀ ବେହେରା ସୂଚନା ଦେଇଛନ୍ତି। ସେହିପରି ମଙ୍ଗଳପୁର ଗ୍ରାମର ୯ ମଣ୍ଡପରେ ପୂଜାର୍ଚ୍ଚନା ଚାଲିଛି। କୃଷକସାହି, ମଙ୍ଗଳାସାହି, ଉପରସାହି, ଚୌପାଢ଼ୀ, ଗୋପାଳସାହି, ମହତାବସାହି, ଢିପସାହି, ତଅଁଳାସାହି ମଣ୍ଡପରେ ପୌରାଣିକ କଥାବସ୍ତୁ ଆଧାରରେ ସାଜସଜ୍ଜା ହୋଇଛି। ଉଜ୍ଜ୍ୱଳ ଆଲୋକମାଳାରେ ଝଲସୁଛି ଗାଁ ଦାଣ୍ଡ। ଶୃଙ୍ଖଳା ରକ୍ଷା ପାଇଁ ଶାନ୍ତି କମିଟି ଗଠନ କରାଯାଇଥିବା ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

ସେହିପରି ଭୁବନର ବଡ଼ହାଟ, ଅରାସାହି, ନୂଆବଜାର, ବଉଳଛକ, ଓଟପଡ଼ିଆ, ଗୁଜୁରୀହାଟ, କଂସାରୀସାହି, ଗୋପାଳ ମଣ୍ଡପ, ଲକ୍ଷ୍ମୀଛକ, ବଣିଆସାହି, ବାଜିଛକରେ ମା' ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯାଉଛି। ବଡ଼ହାଟ ପୂଜା ପ୍ରତିଷ୍ଠାନ ପକ୍ଷରୁ ହୀରକ ଜୟନ୍ତୀ ଉତ୍ସବ ପାଳନ କରାଯାଉଛି। ଏହାକୁ ନେଇ କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ବିପୁଳ ଉତ୍ସାହ ଦେଖିବାକୁ ମିଳିଛି। ଏହି ଅବସରରେ ଭଜନ ସନ୍ଧ୍ୟା ସହ ସ୍ଥାନୀୟ କଳାକାରଙ୍କୁ ନେଇ ନୃତ୍ୟସଙ୍ଗୀତ ପରିବେଷଣ କରାଯାଉଛି। ପୂଜା ଏବଂ ଆଳତି ଦେଖିବାକୁ ସନ୍ଧ୍ୟାରେ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି ।

କୁମାରପୂର୍ଣ୍ଣିମାଠାରୁ ଛଦେଶ ଅଞ୍ଚଳରେ ଲକ୍ଷ୍ମୀପୂଜା ଆରମ୍ଭ ହୋଇଛି। ଭାପୁର, ବେଗୁନିଆପାଳ, କାକୁଡ଼ିଭାଗ, ସିମିଳିପାଟଣା, ଘଟିପିରି, ଦୀନବନ୍ଧୁପୁର, କୋଇଲିପାଙ୍ଗି, ଅଉଖମାର ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଉଛନ୍ତି। ଭାପୁର ବଜାର ବଣିକ ସଂଘ ପ୍ରତିଷ୍ଠାନ ପକ୍ଷରୁ ହେଉଥିବା ପୂଜା ଏବଂ ଚାରିଛକର ଆଲୋକମାଳା ପ୍ରମୁଖ ଆକର୍ଷଣ ସାଜିଛି। ଶନିବାରଠାରୁ ଚାରିଦିନ ବ୍ୟାପୀ ଭଜନ ସମାରୋହ, ରେକର୍ଡ ଡ୍ୟାନ୍ସ, ମେଲୋଡି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ପରଜଙ୍ଗରେ ୧୦୦ମେଢ଼

**ପରଜଙ୍ଗ, ୨୮।୧୦ (ଡି.ଏନ୍.ଏ.)-** ଧନଦାତ୍ରୀ ମା' ଲକ୍ଷ୍ମୀଙ୍କ ଆବାହନରେ ଉତ୍ସବମୁଖର ହୋଇଉଠିଛି ପରଜଙ୍ଗ ଅଞ୍ଚଳ। ବ୍ଲକ ଆଖପାଖ ଅଞ୍ଚଳରେ ୧୦୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜାର୍ଚ୍ଚନା ଚାଲିଛି। ଆଲୋକମାଳା, ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଶ ମୁଖରିତ ହୋଇଉଠିଛି। ଚଳିତବର୍ଷ ପ୍ରତିଯୋଗିତାମୂଳକ ଭାବେ ସାଜସଜ୍ଜା ହୋଇଛି। ଅଧିକାଂଶ ପୂଜା କମିଟି ପକ୍ଷରୁ ଅନ୍ନପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଲକ୍ଷ୍ମୀବଜାର, ତାରିଣୀ ବଜାର, ସୁବାହୁସିଂବଜାର, ସନ୍‌ରାଇଜ କ୍ଲବ, ମୁକ୍ତାପଶି ବଜାର, ସରାଙ୍ଗ ବଜାର, ଭାଲୁମୁଣ୍ଡା ଛକ, କନ୍ଦରସିଂହା, ପରମହଂସପୁର ଛକ, ବାରିହାପୁର, ବସୋଇ ପ୍ରମୁଖ ଅଞ୍ଚଳରେ ସୃଷ୍ଟି ହୋଇଛି ଆଧ୍ୟାତ୍ମିକ ପରିବେଶ। ଆସନ୍ତା ବୁଧବାର ମା'ଙ୍କ ଭସାଣି ହେବ ବୋଲି ବଜାର କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ସଜେଇ ହୋଇଛି ମହୁଲପାଳ

**କାମାକ୍ଷାନଗର, ୨୮।୧୦(ଡି.ଏନ.ଏ.)-** ଗଜଲକ୍ଷ୍ମୀ ପୂଜା ପାଇଁ ନବବଧୂ ପରି ସଜେଇ ହୋଇଛି କାମାକ୍ଷାନଗର ବ୍ଲକ ମହୁଲପାଳ ଗ୍ରାମ। କୁମାରପୂର୍ଣ୍ଣିମା ରାତିରୁ ମା' ଧନଦାତ୍ରୀଙ୍କୁ ଜୀବନ୍ୟାସ ଦିଆଯିବାପରେ ଉତ୍ସବମୁଖର ହୋଇଉଠିଛି ଗ୍ରାମ ପରିବେଶ। ଗ୍ରାମର ତଳସାହି, ମଝିସାହି, କରଣସାହି, ହରପ୍ରିୟା ସାହି, ଉପରସାହି, ଶବରସାହି, ଦଳିତ ସାହି, ବାଉଁଶକଣ, ମଠସାହି, କାକୁଡ଼ିଆ ଆଦି ମଣ୍ଡପରେ ମା'ଗଜଲକ୍ଷ୍ମୀଙ୍କ ଆବାହନ କରାଯାଉଛି। ସାମ୍ପ୍ରତିକ ପରିସ୍ଥିତି ଏବଂ ପୌରାଣିକ କଥାବସ୍ତୁକୁ ନେଇ ମଣ୍ଡପ ଚମତ୍କାର ସାଜସଜ୍ଜା କରାଯାଇଛି। ଆଖପାଖ ଅଞ୍ଚଳରୁ ହଜାର ହଜାର ଦର୍ଶକ ଯାତ୍ରା ଦେଖିବାକୁ ଭିଡ଼ ଜମାଉଛନ୍ତି। ବ୍ୟବସାୟୀମାନେ ବିଭିନ୍ନ ପ୍ରକାର ଖାଦ୍ୟ, ଘରସଜ୍ଜା ସାମଗ୍ରୀର ପସରା ମେଲାଇଛନ୍ତି। ବୁଧବାର ମିଳିତ ଭସାଣି ଶୋଭାଯାତ୍ରାରେ ମା'ଙ୍କୁ ମେଲାଣି ଦେବାକୁ ନିଷ୍ପତ୍ତି ହୋଇଛି।

ମିଳୁନି ପ୍ରଧାନମନ୍ତ୍ରୀ ଫସଲ ବୀମା ସହାୟତା

## ଆଜି ପରଜଙ୍ଗରେ ଚାଷୀଙ୍କ ଅନଶନ

**ପରଜଙ୍ଗ, ୨୮।୧୦(ଡି.ଏନ୍.ଏ.)**

ଖରିଫ୍ ଗଲା। ରବି ଚାଷ ଶେଷ ଅବସ୍ଥାରେ। ହେଲେ ମରୁଡ଼ି କ୍ଷତିଗ୍ରସ୍ତ ପରଜଙ୍ଗ ଅଞ୍ଚଳର ଚାଷୀଙ୍କୁ ଏ ଯାଏ ମିଳିନି କ୍ଷତିପୂରଣ। ଚାଷୀମାନେ ଠିକ୍ ସମୟରେ ବୀମା ଅର୍ଥ ପୈଠ କରିସାରିଥିଲେ ମଧ୍ୟ ଏବେ କମ୍ପାନୀ ଧରାଛୁଆଁ ଦେଉନାହିଁ। କୃଷି ବିଭାଗ ସାନ୍ତ୍ୱନା ଦେଇ ଚାଲିଥିବାବେଳେ ପୁଞ୍ଜୀଭୂତ ଅସନ୍ତୋଷ ଉଗ୍ରରୂପ ନେଲାଣି। ଏହାର ପ୍ରତିବାଦରେ ଚାଷୀମାନେ ସୋମବାର ବ୍ଲକ କୃଷି କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିବାକୁ ନିଷ୍ପତ୍ତି ନେଇଛନ୍ତି।

ଚାଷୀଙ୍କ କହିବା ଅନୁଯାୟୀ, ୨୦୧୭ରେ ପରଜଙ୍ଗ ବ୍ଲକରେ ଦେଖାଦେଇଥିଲା ଉତ୍କଟ ମରୁଡ଼ି। ଏହାପରେ ପ୍ରଧାନମନ୍ତ୍ରୀ ଫସଲ ବୀମା ମାଧ୍ୟମରେ ଚାଷୀଙ୍କୁ ସବ୍‌ସିଡି ଯୋଗାଇ ଦେବାକୁ ଘୋଷଣା କରାଯାଇଥିଲା। ଏଆଇଜି ଇନ୍ସ୍ୟୁରାନ୍ସ କମ୍ପାନୀକୁ ଦିଆଯାଇଥିଲା ବୀମାରାଶି ବଣ୍ଟନ ଦାୟିତ୍ୱ। ୫୪୪ ଚାଷୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ କ୍ଷୟକ୍ଷତି ଆକଳନ ପରେ କେତେଜଣଙ୍କୁ ସହାୟତା ମିଳିଥିଲା। ବୀମା ରାଶି ପାଇ ନ ଥିବା ଚାଷୀମାନେ ଅଭିଯୋଗ କରିବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ବ୍ୟାଙ୍କ ଖାତା ମାଧ୍ୟମରେ ସେମାନଙ୍କୁ ଅର୍ଥ ଦିଆଯିବ ବୋଲି କୁହାଯାଇଥିଲା। ହେଲେ ପ୍ରତିଶ୍ରୁତି ପୂରଣ କରିପାରି ନ ଥିଲା ବୀମା କମ୍ପାନୀ। ସହାୟତାରୁ ବଞ୍ଚିତ ଚାଷୀ ଭୁବନେଶ୍ୱରସ୍ଥିତ କମ୍ପାନୀ କାର୍ଯ୍ୟାଳୟକୁ ଯିବାବେଳକୁ ସେଠାରେ ଅଫିସ ନ ଥିବା ଦେଖିବାକୁ ପାଇଥିଲେ। ଏହାପରେ ବୀମା ଅର୍ଥ ମିଳିବା ନେଇ ସେମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ଏହାର ପ୍ରତିବାଦରେ ସୋମବାର ଆମରଣ ଅନଶନ କରାଯିବ। ଜିଲା କୃଷି ଅଧିକାରୀ ଲିଖିତ ପ୍ରତିଶ୍ରୁତି ନ ଦେବା ଯାଏ ଧାରଣା ଜାରି ରହିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

■ମିନାବଜାର ପ୍ଲାଟିନମ୍ ଜୁବିଲି ଉତ୍ସବ ତୃତୀୟ ସନ୍ଧ୍ୟା

## ଭାଇଚାରା, ପରମ୍ପରାର ସମନ୍ୱୟ ଲକ୍ଷ୍ମୀପୂଜା



ପୂର୍ବତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଢେଙ୍କାନାଳ ଅଫିସ,୨୮।୧୦**

୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଢେଙ୍କାନାଳ ମିନାବଜାର ଶ୍ରୀମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ପାଳୁଛି ପ୍ଲାଟିନମ୍ ଜୁବିଲି। ଉତ୍ସବର ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି କହିଲେ, ଭାଇଚାରା ଏବଂ ପରମ୍ପରାର ସମନ୍ୱୟ ହେଉଛି ଲକ୍ଷ୍ମୀପୂଜା। ଆମର ସଂସ୍କୃତି ମହାନ, ଯାହା ଏହି ଗଣପର୍ବରୁ ଦେଖିବାକୁ ମିଳିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର କହିଲେ, ଅନୁଷ୍ଠାନ ୭୫ବର୍ଷରେ ପଦାର୍ପଣ କରିଛି। ଏହା ଏକ ମାଇଲଖୁଣ୍ଟ। ପୂଜାର ଉଦ୍ୟୋକ୍ତାଙ୍କୁ ମନେ ନ ପକାଇଲେ ଇତିହାସ ଆମକୁ କ୍ଷମା ଦେବନାହିଁ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ସଭାପତି ବିଭୂତି ଭୂଷଣ ପ୍ରଧାନ, ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଭଞ୍ଜ, ସଭାପତି ଲଳିତ ମୋହନ ପଟ୍ଟନାୟକ, ସମ୍ପାଦକ ନୀରଦ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂଜା କମିଟିର ପୂର୍ବତନ କର୍ମକର୍ତ୍ତା ସମତ୍ ବେଗ୍, ନିତ୍ୟାନନ୍ଦ ବେହେରା, ପ୍ରସନ୍ନ କୁମାର ମହାପାତ୍ର, ରାଜକିଶୋର ସେନାପତି, ଶଶଧର ମହାପାତ୍ର, ପ୍ରଦୀପ ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟନାରାୟଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଆନ୍ଦୋଳନରୁ ଓହରିଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ

**ଢେଙ୍କାନାଳ ଅଫିସ, ୨୮।୧୦**

ରାଜ୍ୟ ସଙ୍ଗଠନର ନିଷ୍ପତ୍ତି ପରେ ଢେଙ୍କାନାଳ ଜିଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ଆନ୍ଦୋଳନରୁ ଓହରିଛି। ଏ ସଂକ୍ରାନ୍ତରେ ରବିବାର ପୂର୍ବାହ୍ନରେ ଦଳୀୟ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମ୍ମୁଖ୍ୟର ଜିଲା ଆବାହକ ଗୋପାଳ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିବା ସହ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଓକିଲଙ୍କୁ ପୋଲିସର ମାଡ଼ ପ୍ରତିବାଦରେ ଅଗଷ୍ଟ ୨୯ରୁ ଆଇନଜୀବୀମାନେ ଆନ୍ଦୋଳନ ଚଳାଇଥିଲେ। ହେଲେ ଆନ୍ଦୋଳନକୁ ନେଇ ରାଜନୀତିକରଣ ଆରମ୍ଭ ହୋଇଛି, ଯାହାକୁ ସାମ୍ମୁଖ୍ୟର କର୍ମକର୍ତ୍ତା ନାପସନ୍ଦ କରିଛନ୍ତି। ବୈଠକରେ ରାଜ୍ୟସ୍ତରରେ ହୋଇଥିବା ନିଷ୍ପତ୍ତିକୁ ସମର୍ଥନ କରାଯାଇଛି। ବୈଠକରେ ବରିଷ୍ଠ ଆଇନଜୀବୀ ପତିତପାବନ ମହାପାତ୍ର, ସୁଲେମାନ ଖାଁ, ଗଣେଶ୍ୱର ସାହୁ, ଅଲିମ ଖାଁ, ଦୁର୍ଗାଚରଣ ମାଝି, ସୌରାଂଶୁ ଶେଖର ଦାସ, ଶୁଭ୍ରାଂଶୁ ଶେଖର ଦାସ, ହରିହର ପଣ୍ଡା, ଜୟନ୍ତୀ ପଟ୍ଟନାୟକ, ଗିରିଜା ମହାନ୍ତି, ପୁଷ୍ପକ ତ୍ରିପାଠୀ, ଶୋଭନ ମିଶ୍ର, ପ୍ରଦୀପ ରାଉତ, ହେମନ୍ତ ଖଟୁଆ, ରାଜେନ୍ଦ୍ର ନାରାୟଣ ରାଉତ, ଆଶୁତୋଷ ସ୍ୱାଇଁ, ପ୍ରଶାନ୍ତ ରାଉତ, ଶରତ ସାହୁ, ସନ୍ଧ୍ୟାରାଣୀ ପଣ୍ଡା, ଆଲୋକ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ୪ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା




କାର୍ଯ୍ୟକ୍ରମରେ ଅତିଥିମାନେ।

**କାମାକ୍ଷାନଗର, ୨୮।୧୦(ଡି.ଏନ.ଏ.)**

କାମାକ୍ଷାନଗର ବ୍ଲକରେ କାର୍ଯ୍ୟରତ ୪ଶିକ୍ଷକଙ୍କୁ ରବିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜୈନ ମିଶ୍ରିଲାଲ ପଦ୍ମାବତୀ ମଡେଲ ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ହୃଦାନନ୍ଦ ଦ୍ୱିବେଦୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଦାୟୀ ଶିକ୍ଷକ ଅନ୍ତର୍ଯାମୀ ନାୟକ, ପ୍ରମୋଦ ବରାଳ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦାଶ, ବୀଣାପାଣି ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ମୁଖ୍ୟଅତିଥି ଭାବେ ବିଇଓ ଅଜୟ ପାତ୍ର, ମୁଖ୍ୟବକ୍ତା ଶିକ୍ଷାବିତ୍ ମାୟାଧର ପାଣି, ସମ୍ମାନିତ ଅତିଥି ଓକିଲ ସଂଘ ସଭାପତି ଧର୍ମାନନ୍ଦ ମଲ୍ଲିକ, କଲେଜ ଅଧ୍ୟକ୍ଷ ଅରବିନ୍ଦକାନ୍ତ ରାୟ, ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ, ପରଜଙ୍ଗ ବିଇଓ ହରିହର ଦେହୁରୀ, ଏବିଇଓ ଜଳଧର ଲେଙ୍କା, ଶିକ୍ଷକ ନେତା ବିମ୍ବାଧର ସାମଲ, ମନୋଜ ସାହୁ, ରୁଦ୍ରନାରାୟଣ ହୋତା, ରମେଶ ମିଶ୍ର, ହେମନ୍ତ ବ୍ରହ୍ମ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ବିଦାୟୀ ଶିକ୍ଷକଙ୍କ ନିରାମୟ ଜୀବନ କାମନା କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫଟୋରେ ଖବର




ବିଜେଡି ପକ୍ଷରୁ ଓଡ଼ାପଡ଼ା ବ୍ଲକ କାଶିଆଡ଼ିହି, ବଳରାମପୁର, କାଣ୍ଡବିନ୍ଧା, ଗୁଣ୍ଡିଚାପଡ଼ା ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଦଯାତ୍ରାରେ ସାମିଲ ହୋଇଥିବା ଦଳୀୟ କର୍ମକର୍ତ୍ତାବୃନ୍ଦ।



ଢେଙ୍କାନାଳର ଶ୍ରୀବଳରାମ ମନ୍ଦିର ପରିସରରେ ରବିବାର ସଫେଇ କରାଯାଇଛି। ଆର୍ଟ ଅଫ୍ ଲିଭିଂର କର୍ମକର୍ତ୍ତାମାନେ ପୀଠ ପରିସରରେ ଜମିଥିବା ଆବର୍ଜନା ସଫେଇ କରିଥିଲେ।



ଓଡ଼ାପଡ଼ା ବ୍ଲକ ମଙ୍ଗଳପୁର ଏବଂ କୁସୁପଙ୍ଗା ପଞ୍ଚାୟତରେ ବିଜୁ ଯୁବ ବାହିନୀ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାସ୍ତା ପାର୍ଶ୍ୱରେ ଯାତାୟାତରେ ସମସ୍ୟା ସୃଷ୍ଟି କରୁଥିବା ବୁଦା, କାଶତଣ୍ଡୀ ଗଛକୁ ସଫା କରାଯାଇଥିଲା।

## ସଂକ୍ଷେପରେ

### ଆଜି ଢେଙ୍କାନାଳ ଆସୁଛନ୍ତି ରାଜ୍ୟପାଳ

**ଢେଙ୍କାନାଳ ଅଫିସ୍, ୨୮।୧୦-** ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ୍ ସୋମବାର ଦିନିକିଆ ଢେଙ୍କାନାଳ ଗସ୍ତରେ ଆସୁଛନ୍ତି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରାଜ୍ୟପାଳ ଭୁବନେଶ୍ୱରରୁ କାର ଯୋଗେ ପୂର୍ବାହ୍ନ ସାଢ଼େ ୯ଟାରେ ବାହାରି ୧୧ଟା ସୁଦ୍ଧା ଢେଙ୍କାନାଳ ସର୍କିଟ ହାଉସ୍‌ରେ ପହଞ୍ଚିବେ। ସେଠାରେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯିବ। ଏହାପରେ ପୂର୍ବାହ୍ନ ୧୧ଟା ୨୦ରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକରେ ଯୋଗଦେଇ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ। ମଧାହ୍ନ ୧୨ଟା ୧୫ରେ ଶତାୟୁ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହିତ ଭାବବିନିମୟ କରିବା କାର୍ଯ୍ୟକ୍ରମ ରହିଛି। ୧୨ଟା ୪୫ରେ ସର୍କିଟ ହାଉସ୍‌ରେ ମଧାହ୍ନଭୋଜନ ପରେ ସେଠାରୁ ସୁନ୍ଦରିଖାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ଯାଇ ସେଠାରେ ନବନିର୍ମିତ ସ୍କୁଲ ଗୃହକୁ ଉଦ୍‌ଘାଟନ କରିବେ। ଅପରାହ୍ନ ୨ଟା ୪୦ରେ ଯୋରନ୍ଦା ମହିମା ଗାଦି ପରିଦର୍ଶନ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ସହିତ ଆଲୋଚନା କରିବା କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଏହି ଅବସରରେ ସେ ଯୋରନ୍ଦା ହେଲଥ୍ ଓ ୱେଲନେସ ସେଣ୍ଟର ବୁଲି ଦେଖିବେ। ଅପରାହ୍ନ ୪ଟା ୧୫ରେ ସେଠାରୁ ବାହାରି ଅପରାହ୍ନ ୫ଟାରେ ସର୍କିଟ ହାଉସ୍‌ରେ ପହଞ୍ଚିବା ପରେ ୫ଟା ୪୦ରେ ଅନୁଗୋଳ ଜିଲା ନାଲ୍‌କୋ ଅଭିମୁଖେ ଯାତ୍ରା କରିବେ। ଜିଲାପାଳଙ୍କ ଗସ୍ତ କାର୍ଯ୍ୟକ୍ରମ ଦୃଷ୍ଟିରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପରିଦର୍ଶନ ବେଳେ ଯେପରି କୌଣସି ସମସ୍ୟା ନ ହୁଏ ସେଥିପ୍ରତି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ସୂଚନା ଦେଇଛନ୍ତି।

# ସାଜସଜ୍ଜାରେ ସାମାଜିକ ସଂହତି


ବାଜିଚୌକ ପୂଜା ପ୍ରତିଷ୍ଠାନ।



କାଞ୍ଚନ ବଜାର ପୂଜା ପ୍ରତିଷ୍ଠାନ।

**ବିଶ୍ୱରେ ଅନନ୍ୟ ଭାରତୀୟ ଦର୍ଶନ। ଏ ମାଟି, ପାଣି, ପବନରେ ଭରି ରହିଛି ଆତ୍ମୀୟତା। ବୁଦ୍ଧ, ଗାନ୍ଧୀଙ୍କ ଅଂହିସା ନୀତି, ବିଶ୍ୱବିଜୟୀ ବିବେକାନନ୍ଦଙ୍କ ବିଶ୍ୱଭାତୃତ୍ୱର ମହତ ବାଣୀ ଭାରତୀୟଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ। ଏତେସବୁ ପରେ ବି ଭାରତୀୟ ସମାଜ ହିଂସା, ଦ୍ୱେଷ, ଜାତିଆଣ ଭାବରୁ ମୁକ୍ତ ହୋଇପାରିନି। ଏହାକୁ ରୋକିବାକୁ ସରକାରୀ, ବେସରକାରୀସ୍ତରରେ ଉଦ୍ୟମ କରାଯାଉଥିଲେ ମଧ ଏହା ବିଶେଷ ଭାବେ ଫଳପ୍ରସୂ ହୋଇପାରୁନାହିଁ। ଏଥିଲାଗି ବ୍ୟାପକ ଜନସଚେତନତା ଆବଶ୍ୟକ ରହିଥିବା ହୃଦ୍‌ବୋଧ ହେଉଥିବାବେଳେ ଏହାକୁ କାର୍ଯ୍ୟରେ କରି ଦେଖାଇଛନ୍ତି ଢେଙ୍କାନାଳର ବିଭିନ୍ନ ପୂଜା ପ୍ରତିଷ୍ଠାନ।**

**ଢେଙ୍କାନାଳ ଅଫିସ, ୨୮।୧୦**

କୁମାରପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଛି ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜା। ଐତିହ୍ୟ, ପରମ୍ପରା ଏବଂ କିମ୍ବଦନ୍ତୀକୁ ଆଧାର କରି ହେଉଥିବା ଏହି ପୂଜା ସାରା ରାଜ୍ୟରେ ସ୍ୱତନ୍ତ୍ରତା ହାସଲ କରିଛି। ଏଥିରେ ଏବେ ଯୋଡ଼ିହୋଇଛି ସଚେତନତାର ବାର୍ତ୍ତା। ସାମାଜିକ ଚେତନା ବାର୍ତ୍ତା ଏବଂ ସଂହତିକୁ ନେଇ ପ୍ରସ୍ତୁତ ପୂଜା ମଣ୍ଡପକୁ ବେଶ୍ ପ୍ରଶଂସା କରୁଛନ୍ତି ଦର୍ଶକ। ଏ କ୍ଷେତ୍ରରେ ଆଗରେ ରହିଛି କାଞ୍ଚନ ବଜାର ଏବଂ ବାଜିଚୌକ ପୂଜା ପ୍ରତିଷ୍ଠାନ।

କାଞ୍ଚନବଜାର ପୂଜା କମିଟି ପକ୍ଷରୁ ୧୯୫୦ରୁ ଅନୁଷ୍ଠିତ ହୋଇଆସୁଛି ଲକ୍ଷ୍ମୀପୂଜା। ଚଳିତବର୍ଷ ପୂଜାଉତ୍ସବରେ ଖର୍ଚ୍ଚ ହୋଇଛି ପାଖାପାଖି ୧୧ ଲକ୍ଷ ଟଙ୍କା। ଦକ୍ଷ ପ୍ରଜାପତିଙ୍କ ଦ୍ୱାରା ଅପମାନିତ ହେବାପରେ ଦେବୀ ସତୀ ଜୀବନ ହାରିବା ଏବଂ ଏହାପରେ କ୍ରୋଧାଗ୍ନିରେ ଜର୍ଜରିତ ମହାଦେବ ଦକ୍ଷ ପ୍ରଜାପତିଙ୍କୁ ଶାସ୍ତି ଦେବା ଶିବପୁରାଣର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ଏହି ପୌରାଣିକ କଥାବସ୍ତୁ ଉପରେ ପୂଜା କମିଟି ପକ୍ଷରୁ ମଣ୍ଡପ ପ୍ରସ୍ତୁତ କରାଯାଇଛି। ଏଥିସହ ମା’ ଲକ୍ଷ୍ମୀଙ୍କ ଆବିର୍ଭାବକୁ ଅତି ନିଖୁଣତାର ସହ ସଜାଇଛନ୍ତି ଶିଳ୍ପୀ। ନାରୀଙ୍କୁ ନିର୍ଯାତନା ଏବଂ ଅପମାନ ଦେଉଥିବା ବ୍ୟକ୍ତି କିଭଳି ଦଣ୍ଡିତ ହୁଏ, ତାହାର ଏକ ଦୃଶ୍ୟ ମଧ ପ୍ରଦର୍ଶିତ ହୋଇଛି।

ସେହିପରି ବାଜିଚୌକ ପୂଜା ମଣ୍ଡପରେ ମା’ ଲକ୍ଷ୍ମୀ ସବୁଜିମା ବଣପାହାଡ଼ ଘେରା ଆଦିବାସୀ ପଲ୍ଲିର ଏକ ଗୁମ୍ଫାରେ ଆବିର୍ଭାବ ହୋଇଛନ୍ତି। ହାତୀ ସଦୃଶ୍ୟ ନିର୍ମିତ ଉକ୍ତ ପାହାଡ଼ ଗୁମ୍ଫାକୁ ଆକର୍ଷଣୀୟ ଭାବେ ସାଜସଜ୍ଜା କରାଯାଇଛି। ଆଦିବାସୀ ପଡ଼ାରେ ମା’ଙ୍କ ପୂଜାର୍ଚ୍ଚନା ସାମାଜିକ ସଂହତିର ବାର୍ତ୍ତା ଦେଉଛି। ରଙ୍ଗବେରଙ୍ଗ ଆଲୋକମାଳାରେ ସଜା ହୋଇଥିବା ପୂଜାମଣ୍ଡପ ସାଜିଛି ପୂଜାର ଅନ୍ୟତମ ଆକର୍ଷଣ।

## ସେମାନେ ଯାହା କୁହନ୍ତି



“ଭାଇଚାରା ଏବଂ ପରମ୍ପରାକୁ ଏକାଠି କରି କାଞ୍ଚନବଜାର ପୂଜା ପ୍ରତିଷ୍ଠାନ ପ୍ରତିବର୍ଷ ମା’ଙ୍କ ପୂଜା କରିଥାଏ। ଚଳିତ ବର୍ଷ ଅନ୍ୟମାନଙ୍କଠାରୁ ଭିନ୍ନ କରିବାକୁ ଯାଇ ପୂଜାମଣ୍ଡପ ପ୍ରସ୍ତୁତ ହୋଇଛି। ଏଥିରେ ସାମାଜିକ ଚେତନାର ବାର୍ତ୍ତା ଦିଆଯାଇଛି। ଭସାଣି ଉତ୍ସବ ପାଇଁ ବମ୍ବେରୁ ବାଦ୍ୟକାର ଆସୁଛନ୍ତି। ପ୍ରତିଦିନ ଶଙ୍ଖୁଡ଼ି ଭୋଗ ମଧ ହେଉଛି।

-ଗୋପଳ ଚନ୍ଦ୍ର ପାତ୍ର,
-କାଞ୍ଚନବଜାର ପୂଜା ପ୍ରତିଷ୍ଠାନ ସଭାପତି



“ବାଜିଚୌକ ପୂଜା ପ୍ରତିଷ୍ଠାନ ପକ୍ଷରୁ ସାଜସଜ୍ଜାରେ ସାମାଜିକ ସଚେତନତାର ବାର୍ତ୍ତାକୁ ଅଗ୍ରାଧିକାର ଦିଆଯାଇଥାଏ। ଚଳିତବର୍ଷ ମଣ୍ଡପକୁ ଭିନ୍ନ ଧରଣର ସାଜସଜ୍ଜା ହୋଇଛି। ଗୁମ୍ଫାରେ ମା’ ଲକ୍ଷ୍ମୀ ବିରାଜମାନ କରିଛନ୍ତି। ଚଳିତବର୍ଷ ପୂଜାରେ ପ୍ରାୟ ୧୨ଲକ୍ଷ ଟଙ୍କା ବ୍ୟୟ କରାଯାଉଛି।

-ରାମଚନ୍ଦ୍ର ପାତ୍ର,
-ବାଜିଚୌକ ପୂଜା ପ୍ରତିଷ୍ଠାନ ସଭାପତି

## ସେଲ୍‌ଫି କର୍ଣ୍ଣର


@ ଲକି


@ ସୌମ୍ୟରଞ୍ଜନ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ**
dklselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

# ଜିଲା ଭାଜପା ସଭାପତିଙ୍କ ଗିରଫଙ୍କୁ ନିନ୍ଦା

**ଢେଙ୍କାନାଳ ଅଫିସ, ୨୮।୧୦**

ଅନୁଗୋଳ ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରାଯାଇଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଦଳକୁ ବଦନାମ କରିବା ଉଦ୍ଦେଶ୍ୟରେ ଅଗଣତାନ୍ତ୍ରିକ ଉପାୟରେ ଏପରି ଗିରଫଦାରି କରାଯାଇଥିବା କହିଛନ୍ତି ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ର ନାରାୟଣ ପାଣି। ଏହି ଘଟଣାକୁ ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନ, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ବରିଷ୍ଠ କର୍ମକର୍ତ୍ତା ପ୍ରସନ୍ନ ପଟ୍ଟନାୟକ, ନରେଶ ଚନ୍ଦ୍ର ମହାପାତ୍ର, ମାତୃପ୍ରସାଦ ନନ୍ଦ, ସୁଧାଂଶୁ ଦଳେଇ, ଇତିଶ୍ରୀ ସାହୁ, ଦେବାଶିଷ ହୋତା ପ୍ରମୁଖ ଦଳୀୟ ନେତୃବୃନ୍ଦ ଦୃଢ଼ ନିନ୍ଦା କରିଛନ୍ତି।



